


ଯା ଦେବୀ ସର୍ବଭୂତେଷୁ...

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୦ ଜୁନ୍ ୨୦୨୬ ■ Baleshwar ♦ SATURDAY 20 June 2026


15001/76/2627



୨ ବର୍ଷରେ ଗୁଣା ବିକାଶ

ବିକାଶର ଧାରା
ଓଡ଼ିଶା ସାରା





# ₹୪୭,୬୦୦ କୋଟିର
## ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପର ଲୋକାର୍ପଣ ତଥା ଭିତ୍ତିପ୍ରସ୍ତର ସ୍ଥାପନ

**ମୁଖ୍ୟ ଅତିଥି**

**ଶ୍ରୀମତୀ ଦ୍ରୌପଦୀ ମୁର୍ମୁ**
ମାନ୍ୟବର ରାଷ୍ଟ୍ରପତି

**ଗରିମାମୟ ଉପସ୍ଥିତି**

**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଡ. ହରି ବାବୁ କମ୍ଭମପାଟି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମନ୍ତ୍ରୀଗଣ | ଓଡ଼ିଶାର ସାଂସଦଗଣ | ଓଡ଼ିଶାର ବିଧାୟକ/ ବିଧାୟିକାଗଣ

### ଲୋକାର୍ପଣ

₹୮୧୧ କୋଟିର ରାସ୍ତା ଓ ସେତୁ

₹୫୩୦ କୋଟିର
ସୁଦୃଢ଼ ପରିବହନ ଓ ଗମନାଗମନ ବ୍ୟବସ୍ଥା

ସୁରକ୍ଷିତ ସଡ଼କ, ସ୍ମାର୍ଟ ପରିବହନ ଓ
ଉନ୍ନତ ଜନସେବା ଦିଗରେ ଆଉ ଏକ ପଦକ୍ଷେପ

**ଅନ୍ୟାନ୍ୟ ପ୍ରକଳ୍ପ ₹୩,୨୧୮ କୋଟି**

### ଭିତ୍ତିପ୍ରସ୍ତର ସ୍ଥାପନ

₹୨୫ ହଜାର କୋଟିର 'ବିସିଜିସିଏଲ୍ କୋଲ୍ ଗ୍ୟାସିଫିକେସନ ପ୍ରକଳ୍ପ'

₹୧୭,୧୧୭ କୋଟିର
ଉନ୍ନତ ବିଦ୍ୟୁତ୍ ଶକ୍ତି ଭିତ୍ତିଭୂମି

ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ବୃଦ୍ଧି
ରାଜ୍ୟର ବିଦ୍ୟୁତ ଭିତ୍ତିଭୂମିର ହେବ ବିକାଶ

**ଅନ୍ୟାନ୍ୟ ପ୍ରକଳ୍ପ ₹୯୨୭ କୋଟି**

### ରେଳ ପ୍ରକଳ୍ପ ଲୋକାର୍ପଣ

- ହିନ୍ଦୋଳ - ମେରାମଣ୍ଡଳୀ ମଲ୍ଟି-ଟ୍ରାକିଂ ପ୍ରକଳ୍ପ
- ଯଖପୁରା- ଯାଜପୁର କେନ୍ଦୁଝର ରୋଡ୍ - ବୈତରଣୀ ରୋଡ୍ ମଲ୍ଟି-ଟ୍ରାକିଂ ପ୍ରକଳ୍ପ

ରାଜ୍ୟର ଆଞ୍ଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବା ସହିତ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବ

**୨୦ ଜୁନ୍ ୨୦୨୬ | ମଧ୍ୟାହ୍ନ ୧୨:୧୫ | ରାଇରଙ୍ଗପୁର, ମୟୂରଭଞ୍ଜ**

OIPR: 15001/15001/2/26-27/0076

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

# ଟ୍ରମ୍ପ୍ ସେନାର ଭାରତୀୟ ନାବିକଙ୍କୁ ହତ୍ୟା ଓ ସରପଂଚ ଚମେଲୀ ନିର୍ଯାତନା ବିରୋଧରେ ଟ୍ରାଫିକ୍ ଛକଠାରେ ସିପିଆଇର ବିକ୍ଷୋଭ

ଜୟପୁର, ୧୯/୦୬ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲ୍ଲା ପରିଷଦ ପକ୍ଷରୁ ଆମେରିକାର ଟ୍ରମ୍ପ ସେନା ତିନୋଟି ଭାରତୀୟ ଜାହାଜ ଉପରକୁ ଗୁଳି ଚାଳନା କରି ତିନି ଜଣ ଜାହାଜ କର୍ମଚାରୀଙ୍କୁ ହତ୍ୟା କରିଥିଲେ ମଧ୍ୟ କେନ୍ଦ୍ର ର ନରେନ୍ଦ୍ର ମୋଦି ସରକାର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଚେତାବନୀ ଦେବା ତ ଦୂରର କଥା ପ୍ରତିବାଦ ନ ଜଣାଇ ଦେଶର ସାର୍ବଭୌମତ୍ୱକୁ ଆମେରିକା ପାଖରେ ଭୂଲୁଣ୍ଠିତ କରିଛି । ସାଧାରଣ ଲୋକଙ୍କ ମନରେ ମଧ୍ୟ ପ୍ରଶ୍ନ ଉଠିଲାଣି ଯେ, ଭାରତର ସାର୍ବଭୌମ ନୀତିର ପରିଚାଳନା ନିର୍ଦ୍ଦେଶକ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନିଯୁକ୍ତି ଦେବାକୁ ନରେନ୍ଦ୍ର ମୋଦି ସରକାରକୁ କିଏ ଅଧିକାର ଦେଲା ? ଭାରତ ବର୍ଷର ଲୋକଙ୍କୁ ନର୍କ ବାସୀ କହିବାଠୁ ନେଇ ଭାରତ କେଉଁ ଦେଶ ଠାରୁ ଖଣିଜ ତୈଳ କିଣିବ ତାକୁ ଟ୍ରମ୍ପ ସ୍ଥିର କରିବ କି ? ଏଇଥି ପାଇଁ ନରେନ୍ଦ୍ର ମୋଦି ଆମେରିକାରେ ବାଜା ବଜାଇ ଆବ୍ କି ବାର୍ ଟ୍ରମ୍ପ ସରକାର କହୁଥିଲେ ? ଆମେରିକା ଆମ ଲୋକଙ୍କୁ ହାତରେ ଗୋଡ଼ରେ ବେଡ଼ି ବାନ୍ଧି ପଠେଇଲା ଏବଂ ଏବେ ଜାହଜ ଉପରେ ଗୁଳି ଚଳାଇ କର୍ମଚାରୀଙ୍କୁ ହତ୍ୟା କଲା ପରେ ମଧ୍ୟ ମୋଦୀ ଯାଇ ଫ୍ରାନ୍ସ ରେ ଟ୍ରମ୍ପ ସହିତ କୋଳାକୋଳି ହେବା ଲଜ୍ଜାଜନକ ଘଟଣା ବୋଲି ସିପିଆଇ ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ବିଜେପି ଡବଲ୍ ଇଞ୍ଜିନ୍ ସରକାରର ବିଧାୟକ ମହିଳା ସରପଂଚ ଚମେଲୀଙ୍କ ପ୍ରତି ଆକ୍ଷେପ, ସରକାରୀ କର୍ମଚାରୀ ମାନଙ୍କ ଅଣଦେଖା ଏବଂ ତାଙ୍କୁ ନ୍ୟାୟ ଦେବା ବଦଳରେ ପୋଲିସ ଅତ୍ୟାଚାର ଓ ଜେଲ୍ ବିରୁଦ୍ଧରେ ସିପିଆଇ ସ୍ୱର ଉତ୍ତୋଳନ କରିଛି । ବିଜେପି ନେତାଙ୍କ ଚାଲି ଚଳନ ଚରିତ୍ର ତାଙ୍କରି ବିଜେପି ମହିଳା ନେତ୍ରୀଙ୍କ ଉପରେ ଅତ୍ୟାଚାରରୁ ବାରି ହେଉଛି କେତେ ଘୃଣ୍ୟ। ତୁରନ୍ତ ତାଙ୍କୁ ନ୍ୟାୟ ଦେବା ପାଇଁ ସିପିଆଇ ଦାବି କରୁଛି। ଡବଲ୍ ଇଞ୍ଜିନ୍ ସରକାରରେ ତିନି ମାସ ହେଲା ବାର୍ଦ୍ଧକ୍ୟ ଭତ୍ତା ମିଳି ନାହିଁ । ତୁରନ୍ତ ବାର୍ଦ୍ଧକ୍ୟ ଭତା ଯୋଗାଇ ଦେବା ପାଇଁ ସିପିଆଇ ଦାବି କରୁଛି। ତା' ସହିତ ଘୋଷଣା ହୋଇଥିଲେ ମଧ୍ୟ ଧାନ ମଣ୍ଡି ଖୋଲାଯାଇ ନାହିଁ। ଚାଷୀ ମାନେ କ୍ଷତି ସହୁଛନ୍ତି । ଦରଦାମ୍ ବୃଦ୍ଧି, ବେକାର ସମସ୍ୟା ତା ସହିତ ପିଲାଙ୍କ ପାଠ ପଢ଼ା ବହିରେ ଏତେ ଭ୍ରମାତ୍ମକ ତ୍ରୁଟି କେବେ ହୋଇନଥିଲା। ତଥାପି ବିଜେପି ସରକାର ବାହାସ୍ଫୋଟ ମାରି ଚାଲିଛନ୍ତି । ଜନ ସମସ୍ୟାକୁ ନେଇ ପଂଚାୟତ ସ୍ତରରୁ ଆନ୍ଦୋଳନ କରିବ ବୋଲି ବରିଷ୍ଠ ସିପିଆଇ ନେତା ଯୁଧିଷ୍ଠିର ରାଉଳ କହିଛନ୍ତି।

ଆଜିର ବିକ୍ଷୋଭରେ ଦାମୋଦର ରଣା, ସୁରେଶ ଗୌଡ, ଭୀଷ୍ମ ନାୟକ, ଉତମ ମଲ୍ଲିକ, ନନ୍ଦ ହରିଜନ ପ୍ରମୁଖ ଯୋଗ ଦେଇଥିଲେ।

# ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ରକ୍ତଦାନ ଶିବିର ଆୟୋଜିତ

ଜୟପୁର, ୧୮/୦୬ (ନି.ପ୍ର): ୨୦୨ କୋବ୍ରା ବାଟାଲୟନ ଦ୍ୱାରା ଆଜି ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ସୁନାବେଡା ସ୍ଥିତ ୨୦୨ କୋବ୍ରା ବାଟାଲିୟନ ପରିସରରେ ଏକ ' ସ୍ୱେଚ୍ଛାକୃତ ରକ୍ତଦାନ ଶିବିର' ଆୟୋଜିତ ହୋଇଯାଇଛି ।ମୁଖ୍ୟ ଅତିଥି ଭାବରେ ବରିଷ୍ଠ କମାଣ୍ଡକ୍ଷଣ୍ଟ ଅମିତ୍ କୁମାର ରିବନ କାଟି ଶିବିର ଉଦ୍ଘାଟନ କରିଥିଲେ।ମୁଖ୍ୟ ଅତିଥି ଶ୍ରୀ କୁମାର ରକ୍ତଦାନ ଦ୍ୱାରା ଆମର ଫାଇଦା ହେଇ ଥାଏ ଓ କୋରାପୁଟ ମେଡ଼ିକାଲ କଲେଜରେ ରକ୍ତର ଅଭାବ ବିଷୟ ରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦ୍ୱିତୀୟ କମାଣ୍ଡକ୍ଷଣ୍ଟ ରକ୍ଷଜୁକୁମାର , ଡେପୁଟି କମାଣ୍ଡାଣ୍ଟ ହରି ସିଂ,ଡ଼ାଃ ଶେଖ୍ ଇମ୍ରାକ୍ଷନ୍, ଡ଼ାଃ ପ୍ରଣଥି ଓ ଏଫ୍ ବି ଡି ଓ ର ରାଜ୍ୟ କାର୍ଯ୍ୟକାରୀ ସଭାପତି ଡଃ ନରେଶ ଚନ୍ଦ୍ର ସାହୁ ଓ ଜିଲ୍ଲା ସଭାପତି ପ୍ରଦୀପ କୁମାର ତ୍ରିପାଠୀ ଓ ଉପସଭାପତି ଜୟ ବକ୍ଷଡ଼ତ୍ୟା ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସହୀଦ ଲକ୍ଷ୍ମଣ ନାୟକ ବ୍ଲଡ ସେଣ୍ଟର୍ ଅଫିସର ଡଃ ଏମ୍ ଏସ. ବଳିଆରସିଂହ ଓ ଓଡ଼ିଶା ରକ୍ତଦାତା ମହାସଂଘର ପ୍ରଦୀପ କୁମାର ତ୍ରିପାଠୀ ତତ୍ତ୍ୱାବଧାନରେ ବ୍ଲଡ ସେଣ୍ଟରର ରକ୍ତ ସଂଗ୍ରହକାରୀ ରଞ୍ଜିତ୍ ସାହୁ, ଗୀତା ପରିଡ଼ା ଓ ସଞ୍ଜୟ ସିଂହ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ଉକ୍ତ ଶିବିରରେ ବହୁସଂଖ୍ୟାରେ ଯବାନ ସ୍ୱେଚ୍ଛାକୃତ ଭାବେ ପ୍ରଥମ ଥର ପାଇଁ ରକ୍ତଦାନ ରକ୍ତଦାନ କରିଥିଲେ। ଉକ୍ତ ଶିବିରକୁ ଶଙ୍କରଲାଲ୍ ମୀନା, ଇରଫାନ୍ କ୍ୟୁରେସି ଓ ଜୟ ବାଡ଼ିତ୍ୟା ପରିଚାଳନା କରିଥିଲେ । ଉକ୍ତ ଶିବିରରୁ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟସ୍ଥିତ ଓଡ଼ିଶା ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ ୨୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।

## ବହୁମୁଖି ମଣ୍ଡପ ଓ ମିଶନ ଶକ୍ତି ଗୃହର ଶୁଭ ଉଦ୍‌ଘାଟିତ

ନୂଆପଡ଼ା, ୧୮/୦୬ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଓ୍ୱାର୍ଡ ନମ୍ବର୍ ଦଶ ଓ ଏଗାର ମଧ୍ୟରେ ଥିବା ହାଟପଡ଼ାରେ ନବ ନିର୍ମିତ ବହୁମୁଖି ମଣ୍ଡପ ଓ ମିଶନ ଶକ୍ତି ଗୃହର ଶୁଭ ଉଦଘାଟନ ସମାରୋହ ଆଜି ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ସାଂସଦ ମାଳବିକା ଦେବୀ ମୁଖ୍ୟ ଅତିଥି ଭାବରେ ଓ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ।

## ୧୫୦ ଲିଟର ଦେଶୀ ମଦ ଜବତ: ୧୫୦୦ ଲିଟର ମହୁଲ ପୋଚ ନଷ୍ଟ କରାଗଲା

ଭୁବନ, ୧୯/୦୬ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ଅବକାରୀ ବିଭାଗ ଦ୍ୱାରାଆଜି ଗୁରୁବାର ୧୫୦ ଲିଟର ଦେଶୀ ମଦ ଜବତ ହେବା ସହ ୧୫୦୦ ଲିଟର ମହୁଲ ପୋଚ ନଷ୍ଟ କରାଯାଇଥିବା ସୂଚନା ମିଳିଛି । ପ୍ରାପ୍ତ ସୂଚନାନୁଯାୟୀ ଭୁବନ ଥାନା ଅନ୍ତର୍ଗତ ଏକତାଳି ଗ୍ରାମରେ ଦେଶୀମଦର ବିପୁଳ ଚୋରା କାରବାର ହେଉଥିବା ଖବର ପାଇ ଅବକାରୀ ନିରୀକ୍ଷକ ବୁଲୁ ପାତ୍ର ଗୁରୁବାର ସକାଳ ୬ଟା ସମୟରେ ସଦଳ ବଳେ ଚଢ଼ଉ କରିବାକୁ ଯାଇଥିଲେ । ତେବେ ମାଫିଆଙ୍କର କୌଣସି ସନ୍ଧାନ ମିଳି ନଥିବା ବେଳେ ଅତ୍ୟନ୍ତ ଚତୁରତାର ସହ ନଦୀ ପଠାରେ ବ୍ୟାରେଲ ଓ ଜାରକିନ୍ ରେ ଦେଶୀ ମଦ ଲୁଚାଇ ରଖାଯାଇଥିବା ବେଳେ ଗାତ ଖୋଳି ମହୁଲ ପୋଚକୁ ମଦ ମାଫିଆ ପୋତି ଦେଇଥିଲେ । ଅବକାରୀ ବିଭାଗ କର୍ମଚାରୀ ମାନେ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରି ମଦ ଓ ପୋଚ ସବୁ ଉଦ୍ଧାର କରିଥିଲେ ।ଭୁବନ ଅବକାରୀ ଇନ୍ସପେକ୍ଟର ବୁଲୁ ପାତ୍ରଙ୍କ ତତ୍ତ୍ୱାବଧାନରେ କନଷ୍ଟେବଳ ଶ୍ରଦ୍ଧାଞ୍ଜଳି ସାମଲ, ସୁଜିତ ନାୟକ, ଆଲୋକ କୁମାର ଜେନା ସହଯୋଗ କରିଥିଲେ । ଏ ସମ୍ପର୍କରେ କେଶ୍ ନଂ ୪୧/୨୦୨୬-୨୭ ରେ ମାମଲା ରୁଜୁ ହୋଇଥିବା ବେଳେ କାହାରିକୁ ଗିରଫ କରାଯାଇନାହିଁ ବୋଲି ଅବକାରୀ ବିଭାଗ ପକ୍ଷରୁ ଜଣାପଡ଼ିଛି ।

## ଝାରସୁଗୁଡ଼ା ଜିଲ୍ଲାରେ ପ୍ରାକ୍-ମୌସୁମୀ ବିପର୍ଯ୍ୟୟ ପ୍ରସ୍ତୁତି ନେଇ ଜିଲ୍ଲାସ୍ତରୀୟ 'ଟେବୁଲ୍ ଟପ୍' ଅଭ୍ୟାସ ଅନୁଷ୍ଠିତ

ଝାରସୁଗୁଡ଼ା, ୧୯/୦୬ (ନି.ପ୍ର): ଆସନ୍ନ ମୌସୁମୀ ଋତୁରେ ବନ୍ୟା, ବାତ୍ୟା ତଥା ଅନ୍ୟାନ୍ୟ ପ୍ରକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ଓ ପୂର୍ବ ପ୍ରସ୍ତୁତି ସ୍ୱରୂପ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଜିଲ୍ଲା ସ୍ତରୀୟ 'ଟେବୁଲ୍ ଟପ୍' ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ସୋରେଙ୍ଗଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ଏବଂ ଅଧକ୍ଷତାରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସ୍ତରୀୟ ପର୍ଯ୍ୟବେକ୍ଷକ ଶୁଭମ ତାମାଙ୍ଗ ଯୋଗ ଦେଇ ଜିଲ୍ଲାର ପ୍ରସ୍ତୁତିର ସମୀକ୍ଷା କରିଥିଲେ।

ଏହି ଅଭ୍ୟାସ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗଦେଇ ମୌସୁମୀ ସମୟରେ ଘଟିବାକୁ ଥିବା ସମ୍ଭାବ୍ୟ ବିପର୍ଯ୍ୟୟର ପୂର୍ବରୁ, ବିପର୍ଯ୍ୟୟ ସମୟରେ ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ସ୍ଥିତିରେ ଗ୍ରହଣ କରାଯିବାକୁ ଥିବା ବିଭିନ୍ନ ପଦକ୍ଷେପ ଓ ପ୍ରସ୍ତୁତି ସମ୍ପର୍କରେ ନିଜ ନିଜ ବିଭାଗ ପକ୍ଷରୁ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ ସେବା ବଜାୟ ରଖିବା ଏବଂ ଯୋଗାଯୋଗ ବିଚ୍ଛିନ୍ନ ନହେବା ଦିଗରେ ରହିଥିବା ରୋଡମ୍ୟାପ୍ ଉପରେ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଏବଂ ରାଜ୍ୟ ପର୍ଯ୍ୟବେକ୍ଷକ ନିଜ ନିଜ ବକ୍ତବ୍ୟରେ ଜିଲ୍ଲାର ମୌସୁମୀ ସମୟର ବିପର୍ଯ୍ୟୟ ପରିଚାଳନା କ୍ଷମତାକୁ ଅଧିକ ବ୍ୟବସ୍ଥିତ ଓ ସୁଦୃଢ଼ କରିବା ପାଇଁ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଏବଂ ଗଠନମୂଳକ ମତାମତ ପ୍ରଦାନ କରିଥିଲେ। ସମସ୍ତ ବିଭାଗ ମଧ୍ୟରେ ଉତମ ସମନ୍ୱୟ ରକ୍ଷା କରି 'ଜିରୋ କାଜୁଆଲଟି' ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ସେମାନେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ସୁଶାନ୍ତ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସମସ୍ତ ଅତିଥି ଓ ଅଧିକାରୀମାନଙ୍କୁ ବୈଠକକୁ ସ୍ୱାଗତ କରିଥିଲେ। ଏହା ପରେ ଅତିରିକ୍ତ ଜିଲ୍ଲାପାଳ ଏବଂ ରାଜ୍ୟ ପର୍ଯ୍ୟବେକ୍ଷକ ମହୋଦୟ ସଭାକୁ ସମ୍ବୋଧିତ କରି ମାର୍ଗଦର୍ଶନ ଦେଇଥିଲେ। ପରିଶେଷରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୃତ୍ୟୁଞ୍ଜୟ ସବର ଉପସ୍ଥିତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ପ୍ରତିନିଧିମାନଙ୍କୁ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଟ୍(ୟୁଜି)ପୁନଃ-ପରୀକ୍ଷା ୨୦୨୬ ପାଇଁ ବଲାଙ୍ଗୀରର ଜିଲ୍ଲା ପ୍ରଶାସନଙ୍କ ମାଗଣା ବସ୍ ସେବା

ବଲାଙ୍ଗୀର, ୧୯/୦୬ (ନି.ପ୍ର): ନିଟ୍(ୟୁଜି) ପୁନଃ-ପରୀକ୍ଷା ୨୦୨୬ରେ ଅଂଶଗ୍ରହଣ କରୁଥିବା ପରୀକ୍ଷାର୍ଥୀମାନଙ୍କ ସୁବିଧା ପାଇଁ ବଲାଙ୍ଗୀରର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ପରୀକ୍ଷାର୍ଥୀମାନଙ୍କ ଯାତାୟାତକୁ ସୁଗମ କରିବା ପାଇଁ ଓଡ଼ିଶା ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ମାଗଣା ପରିବହନ ସେବା ପ୍ରଦାନ କରାଯିବ। ଏହି ସେବା ପାଇଁ ସ୍ୱତନ୍ତ୍ର ନିୟମାବଳୀ(ଏସ୍ଓପି) ଜାରି କରାଯାଇଛି। ପରୀକ୍ଷାର୍ଥୀମାନେ ସମୟରୁ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଂଚିପାରିବେ ବୋଲି, ଜିଲ୍ଲାର ପ୍ରମୁଖ ବ୍ଲକ୍ ଓ ଗ୍ରାମୀଣ ଅଂଚଳଗୁଡ଼ିକୁ ବଲାଙ୍ଗୀର ସହର ସହିତ ସଂଯୋଗ କରୁଥିବା ୬ଟି ପ୍ରମୁଖ ବସ୍ ରୁଟ୍ ନିର୍ଦ୍ଧାରଣ କରାଯାଇଛି।

ରୁଟ୍ ସଂଖ୍ୟା–୦୧:ଲାଥର(ବସ୍ ଷ୍ଟାଣ୍ଡ)-ଖପ୍ରାଖୋଲ(ବ୍ଲକ୍ ଅଫିସ)-ପାଟଣାଗଡ଼(ବ୍ଲକ୍ ଅଫିସ)-ବଲାଙ୍ଗୀର। ଏହି ବସ୍ ସକାଳ ୭:୦୦ରେ ବାହାରିବ ଏବଂ ପରୀକ୍ଷା କେନ୍ଦ୍ରରେ ପୂର୍ବାହ୍ନ ୧୧:୦୦ରେ ପହଂଚିବ। ଯୋଗାଯୋଗ ସଂଖ୍ୟା ହେଉଛି ୯୧୭୮୬୬୧୧୮୫।

ରୁଟ୍ ସଂଖ୍ୟା-୦୨: ସିନ୍ଧେକେଲା(ଏସ୍‌ବିଆଇ ଏଟିଏମ୍ ନିକଟ)-ବଙ୍ଗୋମୁଣ୍ଡା(ବ୍ଲକ୍ ଅଫିସ)-କଂଟାବାଞ୍ଜି(ସମଲେଶ୍ୱରୀ ମାର୍କେଟ କମ୍ପ୍ଲେକ୍ସ)-ବେଲପଡ଼ା(ବ୍ଲକ୍ ଅଫିସ)-ପାଟଣାଗଡ଼(ବ୍ଲକ୍ ଛକ)-ବଲାଙ୍ଗୀର। ଏହି ବସ ସକାଳ ୭:୦୦ରେ ବାହାରିବ ଏବଂ ପରୀକ୍ଷା କେନ୍ଦ୍ରରେ ପୂର୍ବାହ୍ନ ୧୧:୦୦ ସମୟରେ ପହଂଚିବ। ଯୋଗାଯୋଗ ସଂଖ୍ୟା ହେଉଛି ୬୩୭୧୮୬୪୦୬୬।

ରୁଟ୍ ସଂଖ୍ୟା-୦୩: ତୁରେକେଲା(ବ୍ଲକ୍ ଅଫିସ)-କଂଟାବାଞ୍ଜି(ରେଳବାଇ ଫାଟକ)-ମୁରିବାହାଲ(ବ୍ଲକ୍ ଅଫିସ)-ଟିଟିଲାଗଡ଼(ପୋଲିସ୍ ଷ୍ଟେସନ)-ସଇଁତଲା(ବସ୍ ଷ୍ଟାଣ୍ଡ)-ଦେଓଗାଁ-ବଲାଙ୍ଗୀର। ଏହି ବସ୍ ସକାଳ ୭:୦୦ରେ ବାହାରିବ ଏବଂ ପରୀକ୍ଷା କେନ୍ଦ୍ରରେ ପୂର୍ବାହ୍ନ ୧୧:୦୦ ସମୟରେ ପହଂଚିବ। ଯୋଗାଯୋଗ ସଂଖ୍ୟା ହେଉଛି ୯୯୩୭୧୭୭୧୭୨।

ରୁଟ୍ ସଂଖ୍ୟା-୦୪: ଆଗଲପୁର(ଜଗନ୍ନାଥ ମନ୍ଦିର ନିକଟ)-ଲୋଇସିଂହା(ବ୍ଲକ୍ ଅଫିସ)-ବଲାଙ୍ଗୀର। ଏହି ବସ ସକାଳ ୮:୩୦ରେ ବାହାରିବ ଏବଂ ପରୀକ୍ଷା କେନ୍ଦ୍ରରେ ପୂର୍ବାହ୍ନ ୧୧:୦୦ ସମୟରେ ପହଂଚିବ। ଯୋଗାଯୋଗ ସଂଖ୍ୟା ହେଉଛି ୯୩୪୮୫୨୯୦୯୩।

ରୁଟ୍ ସଂଖ୍ୟା-୦୫: ଗୁଡ଼ଭେଲା(ବ୍ଲକ୍ ଅଫିସ)-ତୁଷୁରା-ଦେଓଗାଁ-ବଲାଙ୍ଗୀର। ଏହି ବସ୍ ସକାଳ ୯:୦୦ରେ ବାହାରିବ ଏବଂ ପରୀକ୍ଷା କେନ୍ଦ୍ରରେ ପୂର୍ବାହ୍ନ ୧୧:୦୦ ସମୟରେ ପହଂଚିବ। ଯୋଗାଯୋଗ ସଂଖ୍ୟା ହେଉଛି ୮୧୧୪୬୪୫୫୦୫।

ରୁଟ୍ ସଂଖ୍ୟା-୦୬: ବୈରାସର(ଛକ)-ପୁଇଁତଲା(ବ୍ଲକ୍ ଅଫିସ)-ବଲାଙ୍ଗୀର। ଏହି ବସ୍ ସକାଳ ୯:୩୦ରେ ବାହାରିବ ଏବଂ ପରୀକ୍ଷା କେନ୍ଦ୍ରରେ ପୂର୍ବାହ୍ନ ୧୧:୦୦ ସମୟରେ ପହଂଚିବ। ଯୋଗାଯୋଗ ସଂଖ୍ୟା ହେଉଛି ୭୯୭୮୬୭୫୩୯୨।

ପରୀକ୍ଷା ସରିବାର ଠିକ୍ ୩୦ ମିନିଟ୍ ପରେ ସମସ୍ତ ବସ୍ ନିଜ ନିଜ ରୁଟ୍ରେ ଫେରିବା ଯାତ୍ରା ଆରମ୍ଭ କରିବେ। ଏହି ମାଗଣା ବସ୍ ସେବାର ଲାଭ ଉଠାଇବା ପାଇଁ ପରୀକ୍ଷାର୍ଥୀମାନଙ୍କୁ ନିଟ୍(ୟୁଜି) ପୁନଃ-ପରୀକ୍ଷା ୨୦୨୬ ର ଅଫିସିଆଲ୍ ଆଡମିଟ୍ କାର୍ଡ଼ ଦେଖାଇବାକୁ ପଡ଼ିବ। ଏହି ଆଡମିଟ୍ କାର୍ଡ଼କୁ ଏଂଟ୍ରି ପାସ୍ ଭାବରେ ଗଣ୍ୟ କରାଯିବ। ପରୀକ୍ଷାର୍ଥୀଙ୍କ ସହ ଜଣେ ଅଭିଭାବକ ମଧ୍ୟ ଯାତ୍ରା କରିପାରିବେ। ସମସ୍ତ ପରୀକ୍ଷାର୍ଥୀଙ୍କୁ ନିର୍ଦ୍ଧାରିତ ପ୍ରସ୍ଥାନ ସମୟରୁ ପ୍ରାୟ ୧୦–୧୫ ମିନିଟ୍ ପୂର୍ବରୁ ବୋର୍ଡିଂ ପଏଂଟରେ ପହଂଚିବାକୁ ବଲାଙ୍ଗୀର ଜିଲ୍ଲା ପ୍ରଶାସନ ପରାମର୍ଶ ଦେଇଛନ୍ତି।

# ଦେଶୀ ମଦ ଦୋକାନ ସ୍ଥାପନକୁ ନେଇ ତୀବ୍ର ଜନଅସନ୍ତୋଷ

ଖୋରଧା , ୧୯/୦୬ (ନି.ପ୍ର): ଖୋରଧା ପୌରପରିଷଦ ଅଧିନସ୍ଥ ଓ୍ୱାର୍ଡ଼ ନଂ -୨୦ ( ତଳସାହି) ଅଞ୍ଚଳରେ ପ୍ରସ୍ତାବିତ ଦେଶୀ ମଦ ଦୋକାନ ସ୍ଥାପନକୁ ନେଇ ଏବେ ତୀବ୍ର ଜନଅସନ୍ତୋଷ ଦେଖାଦେଇଛି। ସହର ର ଶାନ୍ତ ପରିବେଶ, ଶିକ୍ଷାନୁଷ୍ଠାନ, ଧାର୍ମିକ ସ୍ଥଳ ଏବଂ ଜନବସତି ମଧ୍ୟରେ ମଦ ଦୋକାନ ସ୍ଥାପନ ପାଇଁ ଉଦ୍ୟମ ଚାଲିଥିବା ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ଓ ଅସନ୍ତୋଷ ବୃଦ୍ଧି ପାଇଛି। ଏହାର ପ୍ରତିବାଦ ସ୍ୱରୂପ ଅଞ୍ଚଳବାସୀ ଏକତ୍ରିତ ହୋଇ ଖୋରଧା ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହିତ ଉକ୍ତ ପ୍ରସ୍ତାବକୁ ତୁରନ୍ତ ବାତିଲ କରିବାକୁ ଦାବି ଅନୁରୋଧ କରିଛନ୍ତି କ୍ଷ ପ୍ଲଟ ନଂ ୪୫୭/୫୮୩୧/ ୬୧୭୫,୪୫୭/୫୮୩୧ ଏବଂ ଖାତା ନଂ -୬୪୮/୩୦୦୫, ୬୪୮/୨୦୬୩ ପ୍ଲଟ ନଂ - ୪୫୭/୫୦୭୯,୪୫୭/ ୫୩୧୬ ରେ ଏକ ଦେଶୀ ମଦ ଦୋକାନ ସ୍ଥାପନ ପାଇଁ ପ୍ରଶାସନିକ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି। କିନ୍ତୁ ଏହି ସ୍ଥାନର ଚାରିପାଖରେ ଶତାଧିକ ପରିବାର ବସବାସ କରୁଥିବା ବେଳେ ନିକଟରେ ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର, ମନ୍ଦିର ଓ ଅନ୍ୟାନ୍ୟ ସାର୍ବଜନୀନ ପ୍ରତିଷ୍ଠାନ ରହିଥିବାରୁ ଏଠାରେ ମଦ ଦୋକାନ ଖୋଲିବା ଜନସ୍ୱାର୍ଥ ବିରୋଧୀ ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ଏହି ଅଞ୍ଚଳ ଦୀର୍ଘ ଦିନ ଧରି ଏକ ଶାନ୍ତିପୂର୍ଣ୍ଣ ପରିବେଶ ପାଇଁ ପରିଚିତ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଛାତ୍ରଛାତ୍ରୀ, ମହିଳା ଓ ବୃଦ୍ଧବୃଦ୍ଧାମାନେ ନିଜ ଦୈନନ୍ଦିନ କାର୍ଯ୍ୟରେ ଏହି ଅଞ୍ଚଳର ରାସ୍ତା ରେ ଯିବା ଆସିବା କରନ୍ତି। ଯଦି ଏଠାରେ ମଦ ଦୋକାନ ଖୋଲାଯାଏ, ତେବେ ମଦ୍ୟପାନକାରୀଙ୍କ ଭିଡ଼ ବୃଦ୍ଧି ପାଇବା ସହିତ ସାମାଜିକ ଅସୁରକ୍ଷା, ଝଗଡ଼ା, ଅଶାନ୍ତି ଓ ଅସାମାଜିକ କାର୍ଯ୍ୟକଳାପ ବଢ଼ିବାର ଆଶଙ୍କା ରହିଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଓଡ଼ିଶା ଅବକାରୀ ଆଇନ -୨୦୦୮ ମଦ ବିକ୍ରୟ କେନ୍ଦ୍ର ସ୍ଥାପନ ସମୟ ରେ ସାର୍ବଜନୀନ ସ୍ୱାର୍ଥ, ଧାର୍ମିକ ସ୍ଥାନ, ଶିକ୍ଷାନୁଷ୍ଠାନ ଏବଂ ବାସପୋଯୋଗୀ ଅଞ୍ଚଳ ର ସୁରକ୍ଷା ଓ ଶାନ୍ତି କୁ ବିଚାର କରାଯିବା ଆବଶ୍ୟକ । ମାତ୍ର ରାଜସ୍ୱ ସଂଗ୍ରହ ପାଇଁ ଲୋକଙ୍କ ସାମାଜିକ ସୁରକ୍ଷାକୁ ବିପଦରେ ପକାଇବା ଉଚିତ ନୁହେଁ ବୋଲି ସ୍ଥାନୀୟ ଅଞ୍ଚଳ ର ଅଧିବାସୀ ମାନେ କହିଛନ୍ତି। ବିଶେଷ କରି ମହିଳାମାନେ ଏହି ପ୍ରସ୍ତାବକୁ ନେଇ ଅଧିକ ଚିନ୍ତା ପ୍ରକଟ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ମଦ ଦୋକାନ ଖୋଲିବା ପରେ ଘରୋଇ ହିଂସା, ପାରିବାରିକ କଳହ ଏବଂ ସାମାଜିକ ସମସ୍ୟା ବୃଦ୍ଧି ପାଇବାର ଅନେକ ଉଦାହରଣ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଦେଖାଯାଇଛି। ଅନ୍ୟପଟେ, ଅଞ୍ଚଳର ଅଭିଭାବକମାନେ ମଧ୍ୟ ନିଜ ଚିନ୍ତା ପ୍ରକାଶ କରିଛନ୍ତି। ସେମାନଙ୍କ ମତରେ, ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ନିକଟରେ ମଦ ଦୋକାନ ରହିଲେ ଛାତ୍ରଛାତ୍ରୀଙ୍କ ମାନସିକ ବିକାଶ ଓ ଶିକ୍ଷା ପରିବେଶ ଉପରେ ଖରାପ ପ୍ରଭାବ ପଡ଼ିପାରେ। ଏହା ସହିତ ମଦ୍ୟପ ଅବସ୍ଥାରେ ଲୋକଙ୍କ ଯାତାୟାତ ଫଳରେ ରାସ୍ତା ସୁରକ୍ଷା ମଧ୍ୟ ପ୍ରଭାବିତ ହେବ। ଦାବିପତ୍ରରେ ଆହୁରି କୁହାଯାଇଛି ଯେ, ମଦ ଦୋକାନ ସ୍ଥାପନ ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ମତାମତକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇନାହିଁ। ଅଞ୍ଚଳବାସୀଙ୍କ ଅଭିଯୋଗ ଯେ, ଏହି ପ୍ରସ୍ତାବ ସମ୍ପର୍କରେ ସାଧାରଣ ଲୋକଙ୍କ ସହ କୌଣସି ବ୍ୟାପକ ଆଲୋଚନା କରାଯାଇନଥିଲା। ତେଣୁ ଲୋକତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ଜଣାଇ ପ୍ରଶାସନ ଲୋକଙ୍କ ଆପତ୍ତିକୁ ଗୁରୁତ୍ୱ ସହ ବିଚାର କରିବା ଆବଶ୍ୟକ। ଏହି ଘଟଣା ବର୍ତ୍ତମାନ ସମଗ୍ର ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି। ଗ୍ରାମବାସୀମାନେ ସ୍ପଷ୍ଟ କରିଛନ୍ତି ଯେ, ଯଦି ପ୍ରଶାସନ ସେମାନଙ୍କ ଦାବିକୁ ଅଣଦେଖା କରେ, ତେବେ ସେମାନେ ଆଇନସମ୍ମତ ଏବଂ ଗଣତାନ୍ତ୍ରିକ ଉପାୟରେ ବୃହତ୍ତର ଜନଆନ୍ଦୋଳନ ଆରମ୍ଭ କରିବେ। ଏଥିପାଇଁ ଆବଶ୍ୟକ ପଡ଼ିଲେ ଗଣଧାରଣା, ବିକ୍ଷୋଭ ଏବଂ ଉଚ୍ଚସ୍ତରୀୟ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଲୋଡ଼ାଯିବ ବୋଲି ଚେତାବନୀ ଦେଇଛନ୍ତି। ବାତିଲ କରାଯାଉ।"

## ମନ୍ଦିରରରୁ ଚୋରି: ସାଇଂଟିଫିକ୍ ଟିମ୍‌ର ତଦନ୍ତ

ଜୟପୁର, ୧୯/୦୬ (ନି.ପ୍ର): ଜୟପୁର ସହର ବାଙ୍କମଠ ପରିସରରେ ଥିବା ମନ୍ଦିରରୁ ଚୋରି ହୋଇଛି । ମନ୍ଦିର ପରିସରରେ ଥିବା ଗୋପିନାଥ ମନ୍ଦିର, ବାଙ୍କେଶ୍ୱର ମନ୍ଦିର ଓ ରୋଷେଇ ଶାଳାର ତାଲା ଭାଙ୍ଗି ଥିବା ନେଇ ପୂଜକ ସନ୍ତୋଷ କୁମାର ପଣ୍ଡା ଦେଖି ଦେବୋତର ବିଭାଗକୁ ସୂଚନା ଦେଇଥିଲେ । ପରେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଗୋପିନାଥ ମନ୍ଦିର ଓ ବାଙ୍କେଶ୍ୱର ମନ୍ଦିର ହୁଣ୍ଡିର ଟଙ୍କା ସହ ରୁପା ମୁକୁଟ ୨ଟି ଚୋରି ହୋଇଛି । ଏନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତି କରି ପୋଲିସ ମାମଲା ରୁଜୁ କରି ସାଇଂଟିଫିକ୍ ଟିମ୍ ତଦନ୍ତ ଆରମ୍ଭ କରିଛି । ଏସଡିପିଓ ଅର୍ଚ୍ଚିତା ମିତଲଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଚଢ଼ଉ ଜାରି ରହିଛି ।

## ଅଘୋଷିତ ବିଦ୍ୟୁତ କାଟ ଓ ସ୍ମାର୍ଟ ମିଟର ବିରୋଧରେ ଟାଟା ପାୱାରକୁ ଘେରାଉ କରିବ ବିଜେଡି

ଜୟପୁର, ୧୯/୦୬ (ନି.ପ୍ର): ଅଘୋଷିତ ବିଦ୍ୟୁତ କାଟ ଓ ସ୍ମାର୍ଟ ମିଟର ବିରୋଧରେ ଜୟପୁର ସ୍ଥିତ ଟାଟା ପାୱାର ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବିଜେଡି ଆସନ୍ତାକାଲି ଘେରାଉ କରିବ । ଏନେଇ ଗୁରୁବାର ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଏକ ସାମ୍ବାଦିକ ସମ୍ମାଳନି କରି ସୂଚନା ଦେଇଛନ୍ତି । ସହରରେ କିଛି ମାସ ହେବ ଅଘୋଷିତ ବିଦ୍ୟୁତ କାଟ ହେଉଛି । ଏମିତିକି ଗ୍ରାମାଚଂଳରେ ଦିନେ ଦୁଇ ଦିନ ପର୍ଯ୍ୟନ୍ତ ପାୱାର କଟ ହେଉଛି । ପ୍ରବଳ ଗରମ ଜାରି ରହିଥିବା ବେଳେ ଉପଭୋକ୍ତା ମାନେ ବିଦ୍ୟୁତ ସେବାରେ ଅସନ୍ତୋଷ ପ୍ରକାଶ କରୁଥିବା ବେଳେ ସହରର ବିଭିନ୍ନ ଅଂଚଳରେ ବାରମ୍ବାର ଏବଂ ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ଜନ ସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଘରୋଇ କାର୍ଯ୍ୟ ଠାରୁ ଆରମ୍ଭ କରି ବ୍ୟବସାୟିଙ୍କ କାର୍ଯ୍ୟକଳାପ ଯାଏ ପ୍ରଭାବିତ ହେଉଥିବା ଲକ୍ଷ୍ୟ କରାଯାଇଛି । ଏହା ସହ ସ୍ମାର୍ଟ ମିଟର ଲଗାଇ ଟାଟା ପାୱାର ଲୁଟ କରୁଛି । ଯାହାର ବଲ ୨ ଶହ ଟଙ୍କା ଆସୁଥିବା ସ୍ମାର୍ଟ ମିଟର ଯୋଗୁଁ ୬ ଶହ, ୮ ଶହ ଟଙ୍କା , ୧ ହଜାର ଟଙ୍କା ବିଲ ଆସୁଛି । ବିଦ୍ୟୁତ ବିଭାଗରେ ସଂସ୍କାର ଆଣିବା ଲକ୍ଷ୍ୟରେ ଟାଟା ପାଓାରକୁ ଦାୟିତ୍ୱ ଦିଆଯାଇଛି । କିନ୍ତୁ ଟାଟା ପାୱାର ସହରରେ ବିପଦଜନକ ଅବସ୍ଥାରେ ଟ୍ରାନ୍ସଫରମର, ବିଦ୍ୟୁତ ଖୁଣ୍ଟ ରହିଛି । ସ୍ମାର୍ଟ ମିଟର ଲଗାଇ ଲୁଟ କରୁଛି । ଏହାକୁ ବିରୋଧ କରି ଶୁକ୍ରବାର ବାବା ସାହେବ କଲ୍ୟାଣ ମଣ୍ଡପରୁ ଏକ ବିକ୍ଷୋଭ ଶୋଭାଯାତ୍ରା ବାହାରି ମୁଖ୍ୟରାସ୍ତା ଦେଇ ଟାଟା ପାୱାର ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଂଚି ଘେରାଉ କରି ଦାବିପତ୍ର ପ୍ରଦାନ କରିବ ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀ ନନ୍ଦ ସୂଚନା ଦେଇଛନ୍ତି ।ଏହି ସାମ୍ବାଦିକ ସମ୍ମିଳନିରେ ବିଜେଡିର କାର୍ଯ୍ୟକାରି ସଭାପତି ଦୁର୍ଗା ମିଶ୍ର ଉପସ୍ଥିତ ଥିଲେ ।

# ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସାମ୍ବାଦିକ ସମ୍ମିଳନୀ: ଜିଲ୍ଲା ବିକାଶର ଚିଠା କଲେ ଉପସ୍ଥାପନ

କେନ୍ଦ୍ରାପଡ଼ା, ୧୯/୦୬ (ନି.ପ୍ର): ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଜିଲ୍ଲାସ୍ତରୀୟ ଉତ୍ସବରେ ଯୋଗଦେବା ପାଇଁ ଆଜି କେନ୍ଦ୍ରାପଡ଼ା ଗସ୍ତରେ ଆସିଥିବା ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିକାଶର ବ୍ଲୁ ପ୍ରିଂଟ ଉପସ୍ଥାପନ କରିଛନ୍ତି। ୯୦୦ କୋଟି ଟଙ୍କା ବ୍ୟୟରେ ୩ଟି ଉଚ୍ଚ ସ୍ତରୀୟ ସେତୁ, ଶ୍ରୀ ବଳଦେବଜୀଉ ମନ୍ଦିର ପରିକ୍ରମା ପ୍ରକଳ୍ପ, ଡାଙ୍ଗମାଳ ଗୁପ୍ତି-ଖୋଲା ପର୍ଯ୍ୟଟନ ଭାତିଭୂମି ବିକାଶ, କେନ୍ଦ୍ରାପଡା ବିଶ୍ୱ ବିଦ୍ୟାଳୟ ପ୍ରଭୃତି ସ୍ଥାପନ ସଂପର୍କରେ ଜିଲ୍ଲା ବିକାଶର ବହୁବିଧ ପ୍ରକଳ୍ପ ସମ୍ବନ୍ଧରେ ଚାଲିଥିବା କାର୍ଯ୍ୟ ସଂପର୍କରେ ବିସ୍ତୃତ ଭାବେ ନୀଳ ନକ୍ସା ଉପସ୍ଥପନ କରିଥିଲେ। ବିଜେପି ସରକାରଙ୍କ ୨ବର୍ଷ ପୂର୍ତି ଅବସରରେ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀକୁ ଉଦ୍ଘାଟନ କରିବା, ଜିଲ୍ଲାସ୍ତରୀୟ ସମ୍ମିଳନୀ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳତା ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ବିକାଶମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ।ମାନ୍ୟବର ମନ୍ତ୍ରୀ କହିଥିଲେ ଯେ, ଶିକ୍ଷା, କ୍ରୀଡା, ଜନଜାତି କଲ୍ୟାଣ, ମହିଳା ଓ ଶିଶୁ ବିକାଶ, ପରିବହନ, ପର୍ଯ୍ୟଟନ ଓ ଭିତିଭୂମି କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲ୍ଲା ଉଲ୍ଲେଖନୀୟ ସଫଳତା ହାସଲ କରିଛି। କ୍ରୀଡା କ୍ଷେତ୍ରରେ ରୋନିତ ରୋଶନ ସ୍ୱାଇଁ, ଶିବାନୀ ପ୍ରିୟଦର୍ଶନୀ, ଅର୍ପିତା ସ୍ୱାଇଁ ଓ ଟ୍ୱିଙ୍କଲ ସ୍ୱାଇଁଙ୍କ ଉଲ୍ଲେଖନୀୟ ସଫଳତା ଜିଲ୍ଲାକୁ ଗୌରବାନ୍ୱିତ କରିଛି। ଜିଲ୍ଲା ମଙ୍ଗଳ ବିଭାଗ ଦ୍ୱାରା ଚଗଇଏଣ, ଅନ୍ତଃଜାତି ବିବାହ ଓ ଛାତ୍ରବୃତି ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରାଯାଇଥିବା ବେଳେ ସମାଜ ମଙ୍ଗଳ ବିଭାଗ ଅଧୀନରେ ହଜାର ହଜାର ଶିଶୁ, ମହିଳା ଓ ପରିବାର ବିଭିନ୍ନ ଯୋଜନାରେ ଉପକୃତ ହୋଇଛନ୍ତି। ରାଜ୍ୟ ବଜେଟ୍ ୨୦୨୬-୨୭ରେ କେନ୍ଦ୍ରାପଡ଼ାରେ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ ଘୋଷଣା କରାଯାଇଥିବା ବେଳେ ବ୍ରାହ୍ମଣୀ, ଖରସ୍ରୋତା ଓ ବୈତରଣୀ ନଦୀ ଉପରେ ପ୍ରାୟ ୯୦୦ କୋଟି ଟଙ୍କା ବ୍ୟୟରେ ତିନୋଟି ଉଚ୍ଚସ୍ତରୀୟ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସେ ଆହୁରି କହିଥିଲେ ଯେ, ବଳଦେବଜୀଉ ମନ୍ଦିର ପରିକ୍ରମା ପ୍ରକଳ୍ପ, ଡାଙ୍ଗମାଳ-ଗୁପ୍ତି-ଖୋଲା ପର୍ଯ୍ୟଟନ ଭିତିଭୂମି ବିକାଶ, ବଡପାଳ ଟ୍ରକ ଟର୍ମିନାଲ, ଅଟୋମେଟେଡ୍ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ୍ ଓ ଟେଷ୍ଟିଂ ଷ୍ଟେସନ ଭଳି ପ୍ରକଳ୍ପଗୁଡ଼ିକ ଜିଲ୍ଲାର ବିକାଶକୁ ନୂଆ ଦିଗ ଦେବ। ରାଜନଗର ବ୍ଲକର କୁସୁନପୁର ଗ୍ରାମକୁ ସ୍ମାର୍ଟ ଭିଲେଜ ପଦକ୍ଷେପରେ ସାମିଲ କରାଯାଇଥିବା ବେଳେ ଜନସାଧାରଣଙ୍କ ଭୂମି ଓ ରାଜସ୍ୱ ସମସ୍ୟାର ତ୍ୱରିତ ସମାଧାନ ପାଇଁ ପ୍ରତି ତହସିଲରେ ମାସିକ ଅଭିଯୋଗ ଶୁଣାଣି ବ୍ୟବସ୍ଥା ଆରମ୍ଭ କରାଯାଇଛି। ମନ୍ତ୍ରୀ କେନ୍ଦ୍ରାପଡ଼ା ଜିଲ୍ଲା ଲିଡ୍ ବ୍ୟାଙ୍କିଂ ବ୍ୟବସ୍ଥା ଦ୍ୱାରା ୨୦୨୫-୨୬ ବର୍ଷ ପାଇଁ ସମସ୍ତ ୨୧ଟି ପାରାମିଟରରେ ଆୱାର୍ଡ଼ ଅଫ୍ ଏକ୍ସଲେନ୍ସ ହାସଲ କରି ରାଜ୍ୟ ସ୍ତରରେ ସ୍ୱତନ୍ତ୍ର ସଫଳତା ଅର୍ଜନ କରିଥିବା ନେଇ ଜିଲ୍ଲାବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ମହାକାଳପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀ ଦୁର୍ଗା ପ୍ରସନ୍ନ ନାୟକ, ମାନ୍ୟବର ସାଂସଦଙ୍କ ପ୍ରତିନିଧି ଶଶାଙ୍କ ଶେଖର ସେଠୀ, ଜିଲ୍ଲାପାଳ ରଘୁରାମ ଆର୍.ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜୟର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଗଣମାଧମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ସ୍ୱଂୟଚାଳିତ ଜାନ ପରୀକ୍ଷଣ କେନ୍ଦ୍ର ପରିଦର୍ଶନ କରିଥିଲେ ।



ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୦ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 20 June 2026

Vol.No. 36 ■ No.160 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026

SAI SADHANA SCIENCE COLLEGE

+2 Sc. & +2 Arts

SAI SADHANA COLLEGE OF BASIC SCIENCE (+3)

(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)

Dibyasingpur, UDALA

100% first class result-2026

Contact No: 9437294587, 9437443950, 9937557158


## ଉଲ୍ଲେଖନୀୟ ହେବ ମୟୂରଭଂଜ ଗସ୍ତ: ପ୍ରଧାନମନ୍ତ୍ରୀ ମୋଦୀ



ଭୁବନେଶ୍ୱର, ୧୯/୬ (ନି.ପ୍ର): ରାତି ପାହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତରେ ଆସିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମମାଟିକୁ ପ୍ରଥମ ଥର ଗସ୍ତ କରିବେ। ଦ୍ରୌପଦୀ ମୁର୍ମୁଙ୍କ ଜନ୍ମଦିନ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ସାମିଲ ହେବା ସହିତ ଓଡ଼ିଶାବାସୀଙ୍କୁ ବଡ଼ ଉପହାର ଦେବେ। ପ୍ରଧାନମନ୍ତ୍ରୀ ମୋଦୀ ଏହି ଗସ୍ତରେ ଆସିବା ପୂର୍ବରୁ ଉତ୍ସାହିତ ଅଛନ୍ତି। ଏନେଇ ସେ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ସେୟାର କରିଛନ୍ତି। ସୋସିଆଲ ମିଡିଆରେ ପ୍ରଧାନମନ୍ତ୍ରୀ ମୋଦୀ ଲେଖିଛନ୍ତି, ମୁଁ ଆସନ୍ତାକାଲି (୨୦ ଜୁନ) ଓଡ଼ିଶାର ମୟୂରଭଞ୍ଜରେ ରହିବି। ଏହି ଗସ୍ତ ଉଲ୍ଲେଖନୀୟ ହେବ। କାରଣ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ମୟୂରଭଞ୍ଜ ମଧ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗୃହ ଜିଲ୍ଲା। ରାଷ୍ଟ୍ରପତି ଏବଂ ମୁଁ ପାହାଡ଼ପୁର ଗାଁକୁ ଯିବୁ ଏବଂ ତାହା ପରେ ଆମେ ବର୍ତ୍ତମାନର ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବୁ। ୪୭,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶମୂଳକ କାର୍ଯ୍ୟର ଉଦଘାଟନ ଅଥବା ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ପ୍ରଥମଥର ପାଇଁ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକାସାଙ୍ଗରେ ମୟୂରଭଞ୍ଜ ମାଟିରେ ପାଦ ଦେବେ । ରାଷ୍ଟ୍ରପତିଙ୍କ ଜନ୍ମଦିନ ଅବସରରେ ନିମନ୍ତ୍ରଣ ରକ୍ଷାକରି ପ୍ରଧାନମନ୍ତ୍ରୀ ୨୦ ତାରିଖରେ ରାଷ୍ଟ୍ରପତିଙ୍କ ଗାଆଁ ପାହାଡ଼ପୁରକୁ ଆସୁଛନ୍ତି । ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ଲଗି ପୂରା ପାହାଡ଼ପୁର ସଜେଇ ହୋଇଛି । ୨୦ ତାରିଖରେ ପ୍ରଧାନମନ୍ତ୍ରୀଙ୍କୁ ସାଙ୍ଗରେ ଧରି ରାଷ୍ଟ୍ରପତି ପ୍ରଥମେ ଗାଁର ଆଦିବାସୀଙ୍କ ସାମାଜିକ ତଥା ଧାର୍ମିକକେନ୍ଦ୍ର ଗୋଷାଣୀ ପୀଠକୁ ଯାଇ ପୂଜାର୍ଚ୍ଚନା କରିବେ । ସେଠାରୁ ଦୁହେଁ ସାନ୍ତାଳୀ ଜାହିରା ପୀଠ ଦର୍ଶନ କରିବା ପରେ ହୋ-ମୁଣ୍ଡା ଜାହିରା ପୀଠକୁ ଯିବେ ।

## ରାଜ୍ୟରେ ୫ ଦିନ ଯାଏ ବର୍ଷା ସମ୍ଭାବନା: ୨ ଦିନ ପ୍ରବଳ ବର୍ଷା

ଭୁବନେଶ୍ୱର, ୧୯/୬ (ନି.ପ୍ର): ରାଜ୍ୟରେ ମୌସୁମୀ ସକ୍ରିୟ ଥିବା ବେଳେ ଆଗକୁ ବଢିବା ପାଇଁ ସ୍ଥିତି ଅନୁକୂଳ ହୋଇଛି । ଆଉ ୩ ରୁ ୪ ମଧ୍ୟରେ ଛୁଇଁବ ସାରା ଓଡିଶା। ଏହାସହ ରାଜ୍ୟରେ ଟ୍ରପ ଲାଇନ ସହ କାଳବୈଶାଖୀ ଯୋଗୁ ବର୍ଷା ହେଉଥିବା ବେଳେ ଆହୁରି ୫ ଦିନ ଯାଏ ସାରା ରାଜ୍ୟରେ ବର୍ଷା ସମ୍ଭାବନା ରହିଛି। ବର୍ତ୍ତମାନ ଭୁବନେଶ୍ୱର ବର୍ଷା ହେଉଥିବା ବେଳେ ଆସନ୍ତା ୨୪ ଘଂଟାରେ ସାରା ରାଜ୍ୟରେ ବର୍ଷା ସମ୍ଭାବନା ଥିବା ବେଳେ ମୟୁରଭଞ୍ଜ କେନ୍ଦୁଝର ପ୍ରବଳ ବର୍ଷା ସହ ମାଲକାନଗିରି,କୋରାପୁଟ, ରାୟଗଡା, ଗଜପତି ବାଲେଶ୍ୱର, ଭଦ୍ରକ ମୟୁଭଞ୍ଜ ଓ ସୁନ୍ଦରଗଡ ଏହି ୯ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ଓ ୫୦ ରୁ ୬୦ କିମି ଝଟକା ପବନ ସମ୍ଭାବନା କୁ ନେଇ ଅରେଞ୍ଜ ବର୍ଣ୍ଣିଙ୍ଗ ଜାରି କରିଛି ପାଣିପାଗ ବିଭାଗ। ସେହିପରି ଅବଶିଷ୍ଟ ୨୧ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ଓ ୪୦ ରୁ ୫୦ କିମି ବେଗରେ ଝଟକା ପବନ ବହିବାକୁ ନେଇ ୟେଲୋ ବର୍ଣ୍ଣିଙ୍ଗ ଜାରି କରିଛି ବିଭାଗ। ସେହିପରି ଆସନ୍ତାକାଲି ସାରା ରାଜ୍ୟରେ ବର୍ଷା ସମ୍ଭାବନା ଥିବା ଭଦ୍ରକ, ମୟୁରଭଞ୍ଜ, କେନ୍ଦୁଝର ରେ ପ୍ରବଳ ବର୍ଷା ସହ ମାଲକାନଗିରି,କୋରାପୁଟ, ରାୟଗଡା, ଗଜପତି ବାଲେଶ୍ୱର ଓ ସୁନ୍ଦରଗଡ ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ଓ ୫୦ ରୁ ୬୦ କିମି ଝଟକା ପବନ ବହିବାର ସମ୍ଭାବନାକୁ ନେଇ ଅରେଞ୍ଜ ବର୍ଣ୍ଣିଙ୍ଗ ଜାରି କରିଛି ବିଭାଗ । ସେହିପରି ଅବଶିଷ୍ଟ ୨୧ ଜିଲ୍ଲାରେ ବଜ୍ରପାତ ସହ ୪୦ ରୁ ୫୦ କିମି ବେଗରେ ଝଟକା ପବନ ବହିବାକୁ ନେଇ ୟେଲୋ ବର୍ଣ୍ଣିଙ୍ଗ ଜାରି କରିଛି ବିଭାଗ । ୨୩ ଜୁନ୍ ପରେ ରାଜ୍ୟରେ କୌଣସି ଚେତାବନୀ ନାହିଁ। ଏପଟେ ଆଜି ଓଡ଼ିଶା ଉପକୂଳରେ ୪୦ରୁ ୫୦ କିମି ସର୍ବାଧିକ ୬୦ କିମି ବେଗରେ ପବନ ସହ ସମୁଦ୍ର ଅଶାନ୍ତ ରହିବ।

◆◆ପୃଷ୍ଠା ୭

## ଟେଲିଗ୍ରାମ ଉପରେ ପ୍ରତିବନ୍ଧ ଜାରି ରହିବ : ସରକାରଙ୍କ ପଦକ୍ଷେପକୁ ସଠିକ୍ କହିଲେ କୋର୍ଟ

ନୂଆଦିଲ୍ଲୀ,୧୯/୬ : ଟେଲିଗ୍ରାମ ଆପ୍‌ର ୧୫ କୋଟି ବ୍ୟବହାରକାରୀଙ୍କ ପାଇଁ ବଡ଼ଖବର। ଦିଲ୍ଲୀ ହାଇକୋର୍ଟ ୨୨ ଜୁନ୍ ପର୍ଯ୍ୟନ୍ତ ଟେଲିଗ୍ରାମ ଆପ୍ ଉପରେ ଲାଗିଥିବା ପ୍ରତିବନ୍ଧ (ବ୍ୟାନ୍) ହଟେଇବାକୁ ମନା କରି ଟେଲିଗ୍ରାମ ଦ୍ୱାରା ରୁଜୁ ହୋଇଥିବା ଆବେଦନକୁ ଖାରଜ କରିଦେଇଛନ୍ତି। ଶୁକ୍ରବାର ଏହି ମାମଲାରେ ଶୁଣାଣି କରି କୋର୍ଟ ସରକାରଙ୍କ ପଦକ୍ଷେପକୁ ସଠିକ୍ ବୋଲି କହିଛନ୍ତି। ଜଷ୍ଟିସ ତେଜସ୍ କାରିଆ ଆଇଟି ଆଇନର ସେକ୍ସନ ୬୯ଏ ଅନୁଯାୟୀ ଜାରି ହୋଇଥିବା ନିର୍ଦ୍ଦେଶକୁ ଚାଲେଞ୍ଜ କରି ୨୨ ଜୁନ୍ ପର୍ଯ୍ୟନ୍ତ ଟେଲିଗ୍ରାମ ବ୍ଲକ୍ କରିବାକୁ ସରକାରଙ୍କ ନିଷ୍ପତ୍ତିକୁ କାୟମ ରଖିଛନ୍ତି। ଟେଲିଗ୍ରାମ୍ ଆପ୍‌ରେ ଭାରତରେ ପାଖାପାଖି ୧୫ କୋଟି ୟୁଜର୍ସ ଅଛନ୍ତି, ଯେଉଁମାନେ ପରସ୍ପରକୁ ଏହା ଜରିଆରେ ସମ୍ବାଦ, ଭିଡିଓ, ଟେକ୍ସଟ ଆଦାନ ପ୍ରଦାନ କରିଥାନ୍ତି। କୋର୍ଟଙ୍କ ଏହି ରାୟ ସାମାନ୍ୟ ୟୁଜର୍ସଙ୍କ ପାଇଁ ଝଟ୍‌କା ପରି ହୋଇଛି। ଏହାପୂର୍ବରୁ ଜଷ୍ଟିସ କରିୟାଙ୍କ ଅବକାଶକାଳୀନ ଖଣ୍ଡପୀଠ ଦିନକ ପୂର୍ବରୁ ପ୍ରଶ୍ନ ଉଠାଇ କହିଥିଲେ ଯେ, କେବଳ ମାତ୍ର

◆◆ପୃଷ୍ଠା ୭

## ବହିରେ ହୋଇଥିବା ତ୍ରୁଟିର କାରଣ ଖୋଜିବାକୁ ତନାଘନା : ଗଣଶିକ୍ଷା ବିଭାଗ ସଚିବ ଓ ଅନ୍ୟ ଅଧିକାରୀଙ୍କୁ ପଚରାଉଚୁରା

ଭୁବନେଶ୍ୱର, ୧୯/୬ (ନି.ପ୍ର): ତ୍ରୁଟି ପୂର୍ଣ୍ଣ ବହିକୁ ନେଇ ସରକାର ଅପବାଦ ମୁଣ୍ଡାଇବା ପରେ ଆରମ୍ଭ ହୋଇଛି ତନାଘନା। କେଉଁ ସ୍ତରରେ ଓ କେମିତି ହେଲା ତ୍ରୁଟି ? ଏଥିପାଇଁ ଦାୟୀ କିଏ ? ଅଧିକାରୀଙ୍କୁ ଡାକି ଆଲୋଚନା କରିବା ସହ ବିସ୍ତୃତ ତଥ୍ୟ ସଂଗ୍ରହ କରିଛନ୍ତି ଉନ୍ନୟନ କମିସନର। ମୁଖ୍ୟମନ୍ତ୍ରୀଙ୍କ ରିପୋର୍ଟ ଆଧାରରେ ହେବ କାର୍ଯ୍ୟାନୁଷ୍ଠାନ। ପିଲାଙ୍କ ପାଠ୍ୟ ପୁସ୍ତକରେ ତ୍ରୁଟିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଆରମ୍ଭ ହୋଇଛି ତନାଘନା। ଉନ୍ନୟନ କମିସନରଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ଗଣଶିକ୍ଷା ବିଭାଗ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଡାକି ପଚରାଉଚୁରା କରିଛନ୍ତି। ଗଣଶିକ୍ଷା ବିଭାଗ ସଚିବ ଏନ୍ ତିରୁମାଳା ନାୟକ ଓ ବହି ପ୍ରସ୍ତୁତ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଠାରୁ ବିସ୍ତୃତ ତଥ୍ୟ ସଂଗ୍ରହ କରିଛନ୍ତି। ପ୍ରତି ପୁସ୍ତକ ପାଇଁ ଗଠିତ ସମ୍ପାଦକମଣ୍ଡଳୀ, ସମୀକ୍ଷକମଣ୍ଡଳୀ, ସଂଯୋଜକ ଓ ମୁଖ୍ୟ ସଂଯୋଜକଙ୍କୁ କମିଟି ପକ୍ଷରୁ ପଚରାଉଚରା କରାଯିବ। ଆବଶ୍ୟକ ପଡ଼ିଲେ ବିଷୟ ବିଶେଷଜ୍ଞଙ୍କୁ ମଧ ଡାକି ତ୍ରୁଟି ସମ୍ପର୍କରେ ପ୍ରଶ୍ନ କରାଯାଇପାରେ। କେମିତି ଏତେ ବଡ଼ ତ୍ରୁଟି ହେଲା ଓ କିଏ କିଏ ଦାୟୀ ସେନେଇ ରିପୋର୍ଟ ପ୍ରସ୍ତୁତ ହେବ। ସେହି ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯିବ। ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ନେବେ ସରକାର। ପାଠ୍ୟ ପୁସ୍ତକରେ ତ୍ରୁଟିର କାରଣ ଖୋଜା ଆରମ୍ଭ ହୋଇଛି, ଏହା ଭଲ କଥା କିନ୍ତୁ ପିଲାଙ୍କ ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଇନି। କୋମଳମତି ପିଲାମାନେ ସେହି ଭୁଲ ବହିରୁ ପାଠ ପଢ଼ିବେ। ଯାହାକି ଛୋଟ ଛୋଟ ପିଲାଙ୍କ ଭବିଷ୍ୟତ ପାଇଁ ଅଡୁଆ ହେବ।

◆◆ପୃଷ୍ଠା ୭

## ଚିଠି ଲେଖି ଫଂସିଗଲେ ଦୟାଲ ଗଙ୍ଗୱାର : ରେଲୱେ ଏସ୍‌ପିଙ୍କୁ ଦେଇଥିବା ଚିଠି ଖୋଲିଲା ଗୁମର




ଭୁବନେଶ୍ୱର, ୧୯/୬ (ନି.ପ୍ର): ସୌମ୍ୟ ହତ୍ୟାକାଣ୍ଡ ମାମଲାରେ ଏଡିଜି ଦୟାଲ ଗଙ୍ଗୱାରଙ୍କ ନିଲମ୍ବନ ପଛର ସତ ସାମ୍ନାକୁ ଆସିଛି । ରେଳ ବିଭାଗକୁ ଚିଠି ଲେଖି କେମିତି ଫସିଗଲେ ବରିଷ୍ଠ ଆଇପିଏସ୍। ବ୍ୟକ୍ତିଗତ କାମରେ ନିୟୋଜିତ ପରେ କନେଷ୍ଟବଳ ସୌମ୍ୟ ବିରୋଧ କରିଥିଲେ। ଏଥିରେ ପ୍ରତିଶୋଧ ପରାୟଣ ସୌମ୍ୟଙ୍କୁ ପାନେ ଚଖାଇବୁ ଯେଉଁ ଚିଠି ରେଳ ବିଭାଗକୁ ଲେଖିଥିଲେ। ସେହି ଚିଠି ହିଁ ତାଙ୍କ ପୋଲ୍ ? ଖୋଲିଦେଲା । ସାମ୍ନାକୁ ଆସିଲା ଏଡିଜି ଦୟାଲ ଗଙ୍ଗୱାରଙ୍କ ନିଲମ୍ବନ ପଛର ସତ। କନଷ୍ଟେବଳ ସୌମ୍ୟଙ୍କୁ କେମିତି ନିର୍ଯାତନା ଦେଉଥିଲେ, ତଦନ୍ତ ଫାଇଲରୁ ହୋଇଛି ଖୁଲାସା। ୨୦୨୩ରୁ ୨୦୨୫ ଯାଏଁ ରେଲୱେ ଆଣ୍ଡ କୋଷ୍ଟାଲ ସିକ୍ୟୁରିଟି ଏଡିଜି ଥିଲେ ଗଙ୍ଗୱାର। ସେଠାରୁ ଏଡିଜି କମ୍ୟୁନିକେସନ୍‌କୁ ବଦଳି ହୋଇଥିଲେ। ବଦଳି ପରେ କୌଣସି ଚିଠି କିମ୍ବା କାଗଜପତ୍ର ନକରି ରେଳ ବିଭାଗରୁ ୮ଜଣ ହାବିଲଦାର ଓ କନେଷ୍ଟବଳଙ୍କୁ ନିଜ ସାଙ୍ଗରେ ନେଇଗଲେ। ତେଣୁ ମୃତ କନେଷ୍ଟବଳ ସୌମ୍ୟଙ୍କ ସମେତ ୮ଜଣ ରେଳ ବିଭାଗରେ ଅନୁପସ୍ଥିତ ଥିବା ରେକର୍ଡ କହୁଥିଲା। ସୌମ୍ୟ ଓ ଦୟାଲଙ୍କ ଭିତରେ ପାଟିତୁଣ୍ଡ ପରେ, ୨୦୨୬ ମାର୍ଚ୍ଚରେ ଦୟାଲଙ୍କ ଅଫିସରୁ ରେଳ ବିଭାଗ ଏସପିଙ୍କୁ ଚିଠି ଲେଖାଯାଇଥିଲା। ଡ୍ୟୁଟି କରୁନଥିବା, ଅଫିସ ଆସୁ ନଥିବା ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯାଇଥିଲା। ତ୍ୱେ ଏଡିଜି କମ୍ୟୁନିକେସନ୍ ? କାହିଁକି ରେଳ ବିଭାଗକୁ ଚିଠି ଲେଖିଲେ ? କାହିଁକି କେବଳ ସୌମ୍ୟଙ୍କୁ ଟାର୍ଗେଟ୍ କଲେ ? ତାହା ତଦନ୍ତ ବେଳେ ପ୍ରଶ୍ନ ସୃଷ୍ଟି କଲା। ସେହି ଚିଠି ହିଁ ସୌମ୍ୟଙ୍କ ବିରୋଧରେ ଦୟାଲଙ୍କ ଆକ୍ରୋଶର ବଡ଼ ପ୍ରମାଣ ହୋଇଗଲା। ଆଉ ସସପେଣ୍ଡ ହେଲେ ଦୟାଲ। ତଦନ୍ତ ବେଳେ ଜଣା ପଡ଼ିଲା, ସୌମ୍ୟଙ୍କୁ ଡ୍ୟୁଟିରେ

◆◆ପୃଷ୍ଠା ୭

## କରୋନା ଭୂତାଣୁକୁ ନେଇ ବଡ଼ ଖୁଲାସା: ଆମେରିକା ଡାକ୍ତର ଫୌସି ଚୀନର ଉହାନ ଲ୍ୟାବକୁ ପାଣ୍ଠି ଯୋଗାଉଥିଲେ ବୋଲି ତୁଲସୀ ଗାବାର୍ଡଙ୍କ ଅଭିଯୋଗ



ନୂଆଦିଲ୍ଲୀ,୧୯/୬ : ଆମେରିକାର ପୂର୍ବତନ ଗୁଇନ୍ଦା ମୁଖ୍ୟ ତୁଲସୀ ଗାବାର୍ଡ ଗୁରୁବାର ଦିନ ଡାକ୍ତର ଆନ୍ଥୋନୀ ଫୌସିଙ୍କ ବିରୁଦ୍ଧରେ ଏକ ସାଂଘାତିକ ଅଭିଯୋଗ ଆଣିଛନ୍ତି । ନିଜ କାର୍ଯ୍ୟକାଳର ଶେଷ ଦିନରେ କିଛି ଗୁପ୍ତ ଦସ୍ତାବିଜ ସାମ୍ନାକୁ ଆଣି ଗାବାର୍ଡ କହିଛନ୍ତି ଯେ, ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ମୁଖ୍ୟ ଚିକିତ୍ସା ପରାମର୍ଶଦାତା ଥିବା ଡାକ୍ତର ଫୌସି ଚୀନର ଉହାନ ଲ୍ୟାବକୁ ଲକ୍ଷ ଲକ୍ଷ ଡଲାରର ସରକାରୀ ପାଣ୍ଠି ଯୋଗାଇଥିଲେ । ଏହି ଲ୍ୟାବରୁ ହିଁ କରୋନା ଭୂତାଣୁ ବ୍ୟାପିଥିବା କୁହାଯାଉଛି। ଫୌସି ନିଜର ବିପଜ୍ଜନକ ଗବେଷଣାକୁ ଲୁଚାଇବା ପାଇଁ ଗୁଇନ୍ଦା ବିଭାଗ ଉପରେ ଚାପ ପକାଇଥିଲେ ଏବଂ ଏହା ପ୍ରାକୃତିକ ଭାବେ ଜୀବଜନ୍ତୁଙ୍କଠାରୁ ବ୍ୟାପିଛି ବୋଲି ମିଛ ପ୍ରଚାର କରିଥିଲେ । ଏପରିକି ସେ ୨୦୨୪ ମସିହାରେ ସଂସଦରେ ଶପଥ ନେଇ ଗୁଇନ୍ଦା ଅଧିକାରୀଙ୍କ ସହ କୌଣସି ଆଲୋଚନା କରିନଥିବା କହି ମିଛ ସାକ୍ଷ୍ୟ ଦେଇଥିଲେ ବୋଲି ଗାବାର୍ଡଙ୍କ କାର୍ଯ୍ୟାଳୟ ପ୍ରକାଶ କରିଛି । ତୁଲସୀ ଗାବାର୍ଡ କହିଛନ୍ତି ଯେ କରୋନା ମହାମାରୀ ଯୋଗୁଁ କୋଟି କୋଟି ଆମେରିକୀୟ ଏବଂ ସାରା ବିଶ୍ୱର ଲୋକେ ଅସହ୍ୟ କଷ୍ଟ ଭୋଗିଛନ୍ତି, ତେଣୁ ଏବେ ସତ ସାମ୍ନାକୁ ଆସିବା ଦରକାର । ଡାକ୍ତର ଫୌସି ନିଜ କ୍ଷମତାର ଅପବ୍ୟବହାର କରିବା ସହ ରାଷ୍ଟ୍ରପତିଙ୍କ ପାଖକୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯିବାକୁ ଦେଇନଥିଲେ। ଯେଉଁ ଗୁଇନ୍ଦା ବିଶ୍ଳେଷକମାନେ ତାଙ୍କ କଥାକୁ ବିରୋଧ କରୁଥିଲେ, ସେମାନଙ୍କୁ ଚାକିରି କ୍ଷେତ୍ରରେ ହଇରାଣ ଓ ଅପମାନିତ କରାଯାଉଥିଲା । ଟ୍ରିଲିୟନ ଡଲାରର ଟିକା ବ୍ୟବସାୟ ଓ ବଡ଼ ବଡ଼ ଫାର୍ମା କମ୍ପାନୀଗୁଡ଼ିକୁ ଫାଇଦା ପହଞ୍ଚାଇବା ପାଇଁ ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଚାଲିଥିଲା ବୋଲି ଗାବାର୍ଡ ଅଭିଯୋଗ କରିଛନ୍ତି।

## କେବଳ ଏଲ୍‌ନିନୋ ନୁହେଁ, ଭାରତରେ ମୌସୁମୀ ପଥରେ ଏକାଧିକ ବାଧା

ନୂଆଦିଲ୍ଲୀ,୧୯/୬ : ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ୍ ୪ ତାରିଖରେ ଭାରତ ପ୍ରବେଶ କରିଥିଲେ ମଧ ଦେଶର ବିଭିନ୍ନ ଭାଗରେ ପହଞ୍ଚି ପାରିନାହିଁ। ପାଣିପାଗ ବିଜ୍ଞାନୀମାନେ କହିଛନ୍ତି ଯେ, ସାରା ଭାରତରେ ଏହି ଅସ୍ୱାଭାବିକ ବିଳମ୍ବ ହୁଏତ ଗୋଟିଏ କାରଣ ନୁହେଁ ବରଂ ଅନେକ ପାଣିପାଗ ପ୍ରଣାଳୀର ଜଟିଳ ପାରସ୍ପରିକ କ୍ରିୟା ଯୋଗୁଁ ହୋଇପାରେ। ପ୍ରାରମ୍ଭିକ ପର୍ଯ୍ୟାୟ ପରେ ସାରା ଦେଶରେ ମୌସୁମୀର ଅଗ୍ରଗତି ଅତି ମନ୍ଥର ହୋଇଯାଇଛି, ଫଳରେ ଦେଶର ବହୁ ଅଞ୍ଚଳରେ ବର୍ଷାର ତୀବ୍ର ଅଭାବ ଦେଖାଦେଲାଣି। ବର୍ଷା ଅଭାବରୁ ଚାଷୀର ଚିନ୍ତା ବଢ଼ିଗଲାଣି। ପାଣିପାଗ ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି ଯେ, ପ୍ରଶାନ୍ତ ମହାସାଗରୀୟ ଅସ୍ଥିରତା ଓ ପଶ୍ଚିମ ଝଡ଼, ଦୁର୍ବଳ ନିମ୍ନ ଚାପରେଖା ଗଠନ, ମ୍ୟାଡେନ୍-ଜୁଲିଆନ୍ ଓସିଲେସନ୍ ?ର ସମର୍ଥନର ଅଭାବ ଓ ଏଲ୍ ନିନୋ ଯୋଗୁଁ ମୌସୁମୀ ଅଗ୍ରଗତି ବାଧାପ୍ରାପ୍ତ ହୋଇଛି। ପଶ୍ଚିମ ପ୍ରଶାନ୍ତ ମହାସାଗରରୁ ସବୁଠାରୁ ଅଧିକ ପ୍ରଭାବ ଆସିଥିଲା। ଜୁନ୍ ମାସର ଆରମ୍ଭରେ ଭାରତ ମହାସାଗର ଉପରେ ମୌସୁମୀ ବାୟୁର ଏକ ଲହରୀ ସୃଷ୍ଟି ହୋଇଥିଲା, କିନ୍ତୁ ଏହା ତୀବ୍ରତର ହୋଇ ପଶ୍ଚିମ ଉତ୍ତର ପ୍ରଶାନ୍ତ ମହାସାଗରରେ ଫିଲିପାଇନ୍ସ ସାଗରରେ ଟାଇଫୁନ୍ 'ଜାଗମି'ର ରୂପ ନେଇଥିଲା। ବଙ୍ଗୋପସାଗର ଉପରେ ଏକ ନିମ୍ନ ଚାପ ପ୍ରଣାଳୀ ସୃଷ୍ଟି କରିବାରେ ସାହାଯ୍ୟ କରିବା ପରିବର୍ତ୍ତେ, ଯାହା ସାଧାରଣତଃ ସାରା ଭାରତରେ ମୌସୁମୀ ପ୍ରଗତିକୁ ପରିଚାଳିତ କରିଥାଏ। କିଛି ବାୟୁମଣ୍ଡଳୀୟ ଶକ୍ତି ପୂର୍ବ ଦିଗକୁ ସ୍ଥାନାନ୍ତରିତ ହୋଇଥିଲା। ଉତ୍ତର ଭାରତରେ ବାରମ୍ବାର ପଶ୍ଚିମା ଝଡ଼ ଯୋଗୁ ଶୁଷ୍କ ଉତ୍ତର-ପଶ୍ଚିମ ପବନ ଏହି ଅଞ୍ଚଳକୁ ପରିବହନ କରିଥିଲା, ଯାହା ଫଳରେ ବ୍ୟାପକ ମେଘ ଗଠନ ଓ ବର୍ଷା ପାଇଁ ପ୍ରତିକୂଳ ପରିବେଶ ସୃଷ୍ଟି ହୋଇଥିଲା। ମୌସୁମୀ ଟ୍ରଫ୍ (ନିମ୍ନ ଚାପରେଖା) ମଧ ସାଧାରଣ ନଥିଲା। ଏହାସହିତ ଏଲ ନିନୋ ପ୍ରଭାବ ପରିବେଶକୁ ଆହୁରି ଦୁର୍ବଳ କରିଦେଇଥିଲା।

## ଜନ୍ମମାଟିରେ ମହାମହିମ: ଦୁଇ ଦିନିଆ ଓଡ଼ିଶା ଗସ୍ତରେ ରାଇରଙ୍ଗପୁରରେ ପହଞ୍ଚିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

### ରାଇରଙ୍ଗପୁରରେ ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ: ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ ସହ ଏକାଧିକ ଜନହିତକର ପ୍ରକଳ୍ପର କଲେ ଉଦ୍‌ଘାଟନ



ମୟୂରଭଂଜ, ୧୯/୬ (ନି.ପ୍ର): ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଅପରାହ୍ନରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଠାରେ ଆଜି ପହଞ୍ଚିଛନ୍ତି । ସେଠାରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ହରିବାବୁ କମ୍ଭମ୍ ପାଟୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ନିଜ ପ୍ରଥମ କର୍ମଭୂମି ଏବଂ ଜନ୍ମଭୂମି ଠାରେ ପହଞ୍ଚିବା ପରେ ରାଷ୍ଟ୍ରପତି ଏମ୍ସ ଭୁବନେଶ୍ୱରର ସହାଭାଗିତାରେ ଆୟୋଜିତ ପ୍ରଥମ ମାଗଣା ସ୍ୱାସ୍ଥ୍ୟ ଶିବିରର ଶୁଭାରମ୍ଭ କରିଥିଲେ ଓ ସ୍ୱାସ୍ଥ୍ୟକର୍ମୀଙ୍କ ସହିତ କଥା ହୋଇଥିଲେ। ଏହାପରେ ରାଷ୍ଟ୍ରପତି କୁସୁମୀ ବ୍ଲକ ପାଇଁ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ, ବ୍ରହ୍ମାକୁମାରୀ ସଂଗଠନର ନୂତନ ଭବନ, ସ୍ପେଶାଲ ସର୍କିଟ ହାଉସ ଏବଂ ନବଗଠିତ ରାଇରଙ୍ଗପୁର ପୋଲିସ ଜିଲ୍ଲାର ନୂତନ ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟ ସମେତ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଜନହିତକର ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି। ରାଜ୍ୟରେ ବିକାଶର ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଥିବା ଏହି ସମସ୍ତ ପ୍ରକଳ୍ପର ଲୋକାର୍ପଣ ଉତ୍ସବ ସମୟରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ମନ୍ତ୍ରୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ ଏହି ଗସ୍ତର ସବୁଠାରୁ ଭାବପୂର୍ଣ୍ଣ ଦିଗ ହେଉଛି ଆସନ୍ତାକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମଦିନ। ନିଜ ଜନ୍ମମାଟି ତଥା ପ୍ରଥମ କର୍ମକ୍ଷେତ୍ର ରାଇରଙ୍ଗପୁରରେ ସେ ଏହି ସ୍ୱତନ୍ତ୍ର ଦିନଟିକୁ ଅତିବାହିତ କରୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅଭୁତପୂର୍ବ ଉତ୍ସାହ ଦେଖିବାକୁ ମିଳିଛି।

◆◆ପୃଷ୍ଠା ୭






# ସୁବିର ରଜ ପାର୍ସଲ

## ସୁବ୍ରତ ଦାସ



ସକାଳୁ ମୋବାଇଲ ଦେଖୁ ଦେଖୁ ଦୌଡ଼ି ଯାଇ ସୁବି ପହଞ୍ଚିଲା ମା'ଙ୍କ ପାଖରେ। କହିଲା, ମା ରଜରେ ମୋ ପାଇଁ ଏହିଭଳି ଡ୍ରେସ ଟେ ଆଣିବ ବୋଲି ମୋବାଇଲ ଦେଖାଇଲା। ମା କହିଲେ, ବାବା ଆସନ୍ତୁ କହିବି, ଠିକ୍ ସେହିଭଳି ତୋର ଜାମା ଆସିବ । ଠିକ୍ ସେତିକି ବେଳେ ବଡ଼ପୁଅ ଶିବା ଆସି କହିଲା, ମାମା ମୋର ଜିନ୍ସ ପ୍ୟାଣ୍ଟ୍ ଓ ଟି ସାର୍ଟ ଆଣିବ। ଅନଲାଇନ ଅର୍ଡର କରିଦିଅ । ମାମା କହିଲେ ଆରେ ବାବା, ଅନଲାଇନ ରେ ଆଣିଲେ ହୁଏତ ମାପ ଠିକ୍ ହେବ କି ନା ଜାଣି ହେବନି । ଠିକ୍ ସମୟରେ ମଧ୍ୟ ତୁ ପିନ୍ଧି ପାରିବୁ ନାହିଁ। ବାପା ଆସିଲେ ଆମ ପାଖ ବଜାର ସାହୁ ଲୁଗା ଦୋକାନ ରୁ ସୁନ୍ଦର ସୁନ୍ଦର ଡ୍ରେସ ତୋ ପାଇଁ ଆଉ ସୁବି ପାଇଁ ଆଣିବେ। ଆମେ ଶସ୍ତା ଓ କମ ଦାମ ଭାବି ଅନଲାଇନରୁ ଅର୍ଡର୍ କରୁଛନ୍ତି, କିନ୍ତୁ ଅଧିକାଂଶ ସମୟରେ ତାହା ଠକାମିର ଶିକାର ହେବାକୁ ପଡିଥାଏ । ତେଣୁ ବାପାଙ୍କ ସାଙ୍ଗରେ ଯାଇ ଦେଖି ବାଛି



ଆଣିବ । ଯେଉଁଠି ଭଲ ଲାଗିବ ସେଥିରୁ ଆଣି ରଜରେ ଦୁଇଜଣ ପିନ୍ଧିବ । ଶିବା ବଡ଼ ପିଲା ବୁଝିଗଲା । କିନ୍ତୁ ସୁବି ଜିଦ୍ ଧରିଲା ନାଁ, ମୋର ମୋବାଇଲରେ ଦେଖା ଯାଉଥିବା ଡ୍ରେସ ଭଳି ଆସିବ । ତାହା ପୁଣି ଅନଲାଇନ ଅର୍ଡର କର । ମାମା ବୁଝାଇଲେ, ସୁବି ତୁ ଜିଦ୍ ଧର ନାହିଁ, ବାପା ସନ୍ଧ୍ୟାରେ ଆସନ୍ତୁ ଅର୍ଡର୍ କରିବେ । ସନ୍ଧ୍ୟାରେ ବାପା ଆସିବା କ୍ଷଣି ସୁବି ଦୌଡ଼ି ଯାଇ ବାପାଙ୍କ ହାତକୁ ଧରି ଟାଣି ଟାଣି ମାମାଙ୍କ ପାଖକୁ ନେଲା । ବାପା ପଚାରିଲେ ମାରେ ତୋର କଣ ହୋଇଛି କହ । ମା' କହିଲେ ସୁବି ଆମର ଜିଦ୍ ଧରିଛି ତାର ଅନଲାଇନରେ ସୁନେଲି ରଙ୍ଗର ଲେହେଙ୍ଗା ଡ୍ରେସ ଅର୍ଡର କରି ଆଣିବ। ବାପା କହିଲେ ଆଚ୍ଛା ହଉ, ତୋର ଅର୍ଡର୍ କରିବା । ସୁବି ଖୁସି ହୋଇଗଲା । ବାପା ସଙ୍ଗେ ସଙ୍ଗେ ଅର୍ଡର୍ କରିଦେଲେ । ଶିବାକୁ କହିଲେ ଆମେ ସକାଳୁ ସାହୁ ଲୁଗା ଦୋକାନ ଯିବା ତୋ ପାଇଁ ଜିନ୍ସ ପ୍ୟାଣ୍ଟ୍ ଟି ସାର୍ଟ ଆଣିବା। ପରଦିନ ସକାଳୁ ଶିବା ବାପାଙ୍କ ସାଥିରେ ଯାଇ ତା ପାଇଁ ଡ୍ରେସ ଆଣିଲା। ସୁବି ଦେଖି କହିଲା ବାପା ମୋର ! ବାପା କହିଲେ ଆରେ ମା '..ତୋ ପାଇଁ ଅନଲାଇନ ଅର୍ଡର ହୋଇଛି ଆସି ପହଞ୍ଚି ନାହିଁ । ଆହୁରି ଦୁଇଦିନ ବାକି ଅଛି । ସୁବି ମୁଣ୍ଡରେ ପଶିଲା, ରଜ ତ ଆସିଗଲାଣି ; ମୋର ଡ୍ରେସ ଯଦି ଆସି ନ ପହଞ୍ଚିଲା.! ଆସିବା ଯଦି ଡେରି ହେଲେ ମୁଁ ରଜରେ କଣ ପିନ୍ଧିବି ! ମାମା ତ ଠିକ୍ କହୁଥିଲେ ଅନଲାଇନ ଅର୍ଡର ଅନେକ ସମୟରେ ବିଳମ୍ବ ହୁଏ । ସେହି ଚିନ୍ତା ତା ମୁଣ୍ଡରେ ଘାରୁଥାଏ। ରଜ ପାଇଁ ବାପା ଦୋଳି ପିଣ୍ଡା ରେ ଲଗାଉଥନ୍ତି । ମାମା ରଜପାଇଁ ପୋଡ଼ ପିଠା ପ୍ରସ୍ତୁତିରେ ଲାଗି ପଡିଥାନ୍ତି। ଏଥର ରଜରେ ଶିବା, ସୁବି ଦୋଳି ଖେଳିବେ । ନୂଆ ନୂଆ ଡ୍ରେସ ପିନ୍ଧିବେ, ପୋଡ଼ ପିଠା ଖାଇବେ। ରଜ ତିନିଦିନ ପୁରା ଆନନ୍ଦରେ ଦୁଇ ଭାଇ ଭଉଣୀ କାଟିବେ ବୋଲି ମା'ର ଭାରି ଇଚ୍ଛା । କିନ୍ତୁ ସୁବିର ମନ ଦୁଃଖ ଜଣା ପଡୁ ଥାଏ । ମା ସୁବିକୁ କୁଣ୍ଢେଇ ପକାଇଲେ ପଚାରିଲେ,ମନଦୁଃଖ ମା କାହିଁ କି କରୁଛୁ। ସୁବି କହିଲା, ମା ରଜ ତ ଆସି ଗଲାଣି ; ହେଲେ ମୋର ଡ୍ରେସ ଆସିଲା ନାହିଁ । ଭାଇର ଡ୍ରେସ ଆସି ଯାଇଛି, ମୁଁ କଣ ରଜରେ ନୂଆ ଡ୍ରେସ ପିନ୍ଧି ପାରିବି ନାହିଁ ! ମାଆ କହିଲେ, ଆରେ ପାଗିଳି ଯଦି ରଜରେ ଡ୍ରେସ ନ ଆସି ପହଞ୍ଚିବ ବାପା ତୋ ପାଇଁ ଯାଇ ଆଉ ଗୋଟେ ନୂଆ ଡ୍ରେସ ସାହୁ ଦୋକାନରୁ ଆଣି ଦେବେ। ତୁ ଜମାରୁ ମନ ଦୁଃଖ କର ନାହିଁ । ଠିକ୍ ଏହି ସମୟରେ କେହି ଜଣେ ଦାଣ୍ଡ ଦୁଆରୁ ଡାକ ପକେଇଲା ପାର୍ସଲ ଆସିଛି । ସୁବି ଦୌଡ଼ିଗଲା ଦାଣ୍ଡକୁ ଦେଖିଲା, ଜଣେ ବ୍ୟକ୍ତି ପାର୍ସଲ ଧରି ଛିଡ଼ା ହୋଇଛି । ସୁବି ପଚାରିଲା ଅଙ୍କଲ, ଏଇଟା କଣ ! ପଛପଟୁ ମା ଥାଇ କହିଲେ ଆରେ ମା, ଏଇଟା ତୋର ଡ୍ରେସ ପାର୍ସଲ ଆସିଛି। ବାପା ଯେଉଁ ଅର୍ଡର୍ କରିଥିଲେ ସେଇଟା ତୋର ଆସିଲା ତୁ ରଜରେ ପିନ୍ଧିବୁ । ସୁବି ଖୁବ୍ ଖୁସି ହୋଇଗଲା ଏବଂ ଦୌଡ଼ିକି ଘର ଭିତରକୁ ପଳାଇଗଲା । ମା ' ଝିଅର ଖୁସି ଦେଖି ସେଇଭଳି ଚାହିଁରହିଥାନ୍ତି ।।

+ ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ:୯୪୩୭୭୩୧୯୦୩

# ତା'ପରି ଋତୁ ତ ନାଇଁରେ

## ନୀଳମଣି ଚାନ୍ଦ



ଗ୍ରୀଷ୍ମଋତୁ ଗଲା ବର୍ଷାଋତୁ ହେଲା
ଶାଗୁଆ ଦିଶିବ ଧରଣୀ
ଶୁଖିଲା ନଈଟି ଭରିଯିବ ଏବେ
ନାଉରି ବାହିବ ତରଣି ।

ଅଙ୍କା ହୋଇଯିବ ଇନ୍ଦ୍ରଧନୁ ଛବି
ସାତଟି ରଙ୍ଗ ତ ଯାହାର
କୃଷକ କରିବ କ୍ଷେତଟିରେ କାମ
ଯୋଗେଇବ ସିଏ ଆହାର ।

ଆଗେ ତ ବିଜୁଳି ପରେ ଘଡ଼ଘଡ଼ି
ଚାଲିଥିବ ତାଙ୍କ ଖେଳଟି
କାଗଜର ଡଙ୍ଗା ଗଡ଼ି ଛାଡିବାକୁ
ବଢ଼ିବ ପିଲାଙ୍କ ମେଳଟି ।

ନଈ ନାଳ ପାଟ ଭରିବ ପାଣିରେ
ଆସିଯିବ ନଈବଢ଼ିରେ
ଗୋପବନ୍ଧୁ , ଚୁଡ଼ାଚାଉଳ କଥାଟି
ଯିବ ଆପେ ମନେପଡ଼ିରେ ।

ଫୁଟିବ କଦମ୍ବ କିଆ କେତକୀଟି
ପାଚିଯିବ ଜାମୁକୋଳିଟି
ବଉଦ ଆସିବ ଗାଆଁ ବୁଲିବାକୁ
କଳା ରଙ୍ଗ ଦେହେ ବୋଳିଟି ।

ଲାଗଇ ବରଷା ସଞ୍ଜୀବନୀ ସମ
ପ୍ରାଣୀ ଉଦ୍ଭିଦଙ୍କ ପାଇଁରେ
ଛଅଋତୁ ମଧ୍ୟେ ବର୍ଷାଋତୁ ଶ୍ରେଷ୍ଠ
ତା ପରି ଋତୁଟି ନାଇଁରେ ।


+ ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

## ବିଜ୍ଞାନ ଗବାକ୍ଷ-୭

## କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ



# ଶାଢ଼ି ଓ ମହାକାଶ




ଶାଢ଼ି ସହିତ ମହାକାଶର କ'ଣ ବା ସମ୍ପର୍କ ? ବାୟୁ ମଣ୍ଡଳ ଉପରେ ମହାକାଶର ରଂଗ ଗାଢ଼ କଳା। ଏ କଥା ଆମର ମହାକାଶଯାତ୍ରୀମାନେ ଦେଖିଛନ୍ତି, ବୈଜ୍ଞାନିକମାନେ ତାର କାରଣ ଦେଇଛନ୍ତି। ପୃଥିବୀରୁ ଆକାଶର ରଂଗ ନୀଳ ଦେଖାଯାଏ। ତାର କାରଣ ବାୟୁମଣ୍ଡଳରେ ସୂର୍ଯ୍ୟକିରଣ ଗତି କଲାବେଳେ ଧୂଳି କଣିକା ଦ୍ୱାରା ନୀଳ ରଙ୍ଗର ବିଚ୍ଛୁରଣ। କବି, ଗାଳ୍ପିକ ବା ଭାବୁକମାନେ ଭାବିପାରନ୍ତି, ମହାକାଶର ରହସ୍ୟକୁ ଘୋଡ଼େଇ ରଖିଛି ଆକାଶ ରୂପକ ନୀଳରଙ୍ଗର ଶାଢ଼ି। ଆକାଶର ନୀଳ ରଂଗ ଭେଦି ଉପରକୁ ଗଲେ ମହାକାଶର ରହସ୍ୟ ବୁଝିହୁଏ।

କିଛିଦିନ ତଳେ ଗୋଟେ ଖବର ଭାରତର ଅନେକ ଲୋକ ବିଶେଷ କରି ମହାକାଶ ବିଜ୍ଞାନ ସହିତ ଜଡ଼ିତ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଖବରଟି ଥିଲା "ଇସ୍ରୋ ବୈଜ୍ଞାନିକ ନନ୍ଦିନୀ ହରିନାଥଙ୍କ ମଙ୍ଗଳ ଅଭିଯାନ ଶାଢ଼ି ଆମେରିକା ମହାକାଶ ସଂଗ୍ରହାଳୟରେ।"

ତେବେ ନନ୍ଦିନୀଙ୍କ ନାଲିନୀଳ ରଂଗର ଶାଢ଼ିଟି ପୃଥିବୀର ଏକ ପ୍ରସିଦ୍ଧ ବାୟୁ ଓ ମହାକାଶ ସଂଗ୍ରାହାଳୟରେ ପହଂଚି ପୃଥିବୀ, ବିଶେଷ କରି ଭାରତୀୟ ନାରୀମାନଙ୍କ ଏକ ମହାନ ବାର୍ତ୍ତା ଦେଉଛି- ନାରୀମାନେ ମଧ୍ୟ ପୁରୁଷଙ୍କ ସମକକ୍ଷ ଏବଂ ଅନେକ କ୍ଷେତ୍ରରେ ଆଗୁଆ। ନନ୍ଦିନୀଙ୍କ ଶାଢ଼ି ଏସିଆ ମହାଦେଶରୁ ପ୍ରଥମ ପ୍ରଦର୍ଶନୀ ବସ୍ତୁ ଯାହା ଏହି ସଂଗ୍ରହାଳୟରେ ସ୍ଥାନ ପାଇଛି।

ଘଟଣାଟି ଘଟିଥିଲା ଅନେକ ବର୍ଷ ତଳେ। ୨୦୦୮ ମସିହାରେ ଭାରତ ତାର ପ୍ରଥମ ପ୍ରୟାସରେ ଚନ୍ଦ୍ରଯାନ-୧ ମାଧ୍ୟମରେ ଚନ୍ଦ୍ରକକ୍ଷରେ ପହଂଚି ପାରିଥିଲା। ଏହି ସଫଳତା ଭାରତୀୟ ମହାକାଶ ବିଜ୍ଞାନୀଙ୍କୁ ଉତ୍ସାହିତ କରିଥିଲା ଚନ୍ଦ୍ର ଆଗକୁ ଚାହିଁବାକୁ। ପୃଥିବୀର ନିକଟତମ ଗ୍ରହ ମଙ୍ଗଳ ଥିଲା ବୈଜ୍ଞାନିକଙ୍କ ଦୃଷ୍ଟିରେ।

ଭାରତର ବିଭିନ୍ନ ମହାକାଶ ଗବେଷଣା କେନ୍ଦ୍ରରେ କାମ ଆରମ୍ଭ ହୋଇଥିଲା। ଗୋଟେ ଉପଗ୍ରହର ବିଭିନ୍ନ ଅଂଶ ଓ ଯନ୍ତାଂଶ ଭାରତର ବିଭିନ୍ନ କେନ୍ଦ୍ରରେ ତିଆରି ହୁଏ। ମାତ୍ର ମୁଖ୍ୟ କାମ ହୁଏ ବେଙ୍ଗାଲୁରୁ ସ୍ଥିତ ଇସ୍ରୋ ଉପଗ୍ରହ କେନ୍ଦ୍ରରେ । (ଏବେକାର ୟୁ.ଆର. ରାଓ ଉପଗ୍ରହ କେନ୍ଦ୍ର)।

ପାଞ୍ଚ ବର୍ଷ ପରେ, ୨୦୧୩ ମସିହାରେ ଭାରତର ମଙ୍ଗଳ ଅଭିଯାନ ଲାଗି ମାର୍ସ ଅରବିଟର ବା ମଙ୍ଗଳ କକ୍ଷକୁ ଯିବା ଯାନ ପ୍ରସ୍ତୁତ। ଦିନଥିଲା ନଭେମ୍ବର ମାସ ୫ ତାରିଖ। ଭାରତର ମହାକାଶ ବନ୍ଦର ଶ୍ରୀହରିକୋଟାରୁ ବାହୁବଳୀ ରକେଟ ପିଏସଏଲଭି ମଙ୍ଗଳ ଯାନକୁ (ମର୍ମ) ନେଇ ମଙ୍ଗଳଗ୍ରହ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଶ୍ରୀହରିକୋଟାଠାରୁ ବେଶ୍ ଦୂରରେ ବେଙ୍ଗାଲୁରୁ ସହରର ଉପକଣ୍ଠରେ ମିସନ ନିୟନ୍ତ୍ରଣ କକ୍ଷରେ ଭାରତୀୟ ବୈଜ୍ଞାନିକମାନେ ପ୍ରସ୍ତୁତ। ରକେଟ୍ ମଙ୍ଗଳଯାନକୁ ଉପଯୁକ୍ତ କକ୍ଷରେ ଛାଡ଼ିଲା, କାମ ଆରମ୍ଭ ହେଲା। ମିସନ୍ କକ୍ଷରେ ପ୍ରସ୍ତୁତ ଥିବା ବୈଜ୍ଞାନିକ ଓ ଇଂଜିନିୟରଙ୍କର। ସେମାନେ ମଙ୍ଗଳଯାନକୁ ତା ଗତିପଥରେ ସୁରକ୍ଷିତ ଭାବରେ ନେଇ ମଙ୍ଗଳ କକ୍ଷରେ ପହଂଚାଇବେ।

ନାଲି ନୀଳ ରଙ୍ଗର ଶିଳ୍କ ରେଶମୀ ଶାଢ଼ି ପରିହିତା ଜଣେ ନାରୀ ବୈଜ୍ଞାନିକ ନିଜ କମ୍ପ୍ୟୁଟର ସାମ୍ନାରେ ବସି ମଙ୍ଗଳଯାନକୁ ଠିକ ଦିଗ ଏ ବେଗ ଦେବା କାମରେ ବ୍ୟସ୍ତ। ସେ ଥିଲେ ନନ୍ଦିନୀ ହରିନାଥ। ତାଙ୍କ ପରି ଆହୁରି ଅନେକ ନାରୀ ବୈଜ୍ଞାନିକ ଓ ଇଂଜିନିୟରଙ୍କର ଦୃଢ଼ ବିଶ୍ୱାସ ଥିଲା, ମଙ୍ଗଳଯାନ ତାର ଯାତ୍ରା ସମାପ୍ତି କରି ମଙ୍ଗଳ କକ୍ଷରେ ପହଂଚିବ।

ମହାକାଶରେ ଦୀର୍ଘ ୩୦୦ ଦିନ ସୁରକ୍ଷିତ ଭାବରେ ଯାତ୍ରା କରି ମଙ୍ଗଳଯାନ ଭାରତର ପ୍ରଥମ ପ୍ରୟାସକୁ ସଫଳ କରି ମଙ୍ଗଳ କକ୍ଷରେ ପହଂଚିଥିଲା। ଏହି ଉପଗ୍ରହ ସାତ ବର୍ଷରୁ ଅଧିକ ସମୟ କାମକରି ଭାରତ ଏବଂ ପୃଥିବୀକୁ ଲାଲଗ୍ରହ ମଙ୍ଗଳ ସମ୍ପର୍କରେ ଯଥେଷ୍ଟ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ଦେଇଛି।

ନନ୍ଦିନୀ ହରିନାଥଙ୍କ ଲାଲ ଓ ନୀଳ ଶାଢ଼ିଟି ଅନେକ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା, ଆମେରିକାର ମହାକାଶ ସଂଗ୍ରହାଳୟର ମାଟ୍ ସିଣ୍ଡେଲଙ୍କର ମଧ୍ୟ। ନ୍ୟୁୟର୍କର ସ୍ମିଥ୍ ସୋନିଅନ ଜାତୀୟ ମହାକାଶ ସଂଗ୍ରହାଳୟରେ ଏହା ଏବେ ଶୋଭାପାଉଛି ଏବଂ ଭାରତୀୟ ନାରୀ ବୈଜ୍ଞାନିକଙ୍କ ଯଶ ଗାନ କରୁଛି। (କ୍ରମଶଃ)

+ ପ୍ରାକ୍ତନ ମହାକାଶ ବିଜ୍ଞାନୀ ଓ ଲେଖକ
ମୋ: ୯୯୩୮୭୬୯୯୦୮

## କନ୍ଦର୍ପ ବେହେରା

# ପରର ଅନିଷ୍ଟ କରିବାର ଫଳ



ସନିଆଁର ଘରେ ପାରା ଦୁଇଟି ବସା କରି ରହିଥାନ୍ତି । ପାରା ଦୁଇଟି ରହିବା ପାଇଁ ସନିଆଁ ଘରର ଗୋଟିଏ କୋଣରେ ଦୁଇଟି ବୋଝ ରସିରେ ବାନ୍ଧି ଦେଇଥାଏ । ପାରା ଦୁଇଟି ମନ ଖୁସିରେ ସନିଆଁର ଘର ଚାରି ପାଖରେ ଚରାବୁଲା କରନ୍ତି । କେହି ବି ସେମାନଙ୍କୁ ମାରନ୍ତି ନାହିଁ ।

କିଛିଦିନ ବିତି ଯାଇଛି । ମାଈ କପୋତ ବସାରେ ଅଣ୍ଡା ଦେଲା । ଅଣ୍ଡାରୁ ଛୁଆ ହେଲା । ମାଈ କପୋତ ଏବଂ ଅଣ୍ଡିରା କପୋତ ଛୁଆ ଦୁଇଟିକୁ ଖାଇବା ପାଇଁ ପ୍ରତିଦିନ ସନିଆଁର ଘର ପାଖ ପଡିଆକୁ ଯାଆନ୍ତି ।

ସନିଆଁର ଘରେ ବିଲେଇଟିଏ ରହୁଥାଏ । ସେ କପୋତର ଛୁଆ ଦୁଇଟିକୁ ମାରି ଖାଇବାକୁ ମନସ୍ଥ କଲା । ଦିନେ କପୋତ ଦୁଇଟି ଖାଦ୍ୟ ଅନ୍ୱେଷଣରେ ବାହାରକୁ ଚାଲି ଯାଇଥାନ୍ତି । କପୋତ ଦୂରକୁ ଖାଦ୍ୟ ପାଇଁ ଚାଲିଯିବା କଥା ବିଲେଇଟି ଜାଣି ଥାଏ । ବିଲେଇ କଣ କଲା ନା ଧିରେ ଧିରେ କପୋତର ବସାକୁ ଯିବାକୁ ମନ କଲା । କପୋତର ଛୁଆମାନେ ବିଲେଇକୁ ଦେଖି ଚିଁ ଚାଁ କରିବାକୁ ଲାଗିଲେ । ଠିକ୍ ସେଇ ସମୟରେ କପୋତ ଦୁଇଟି ବସାକୁ ଫେରିଲେ । ବିଲେଇକୁ ଦେଖିଲେ । ଖୁମ୍ପି ପକାଇଲେ । ହେଲେ କପୋତ ଦୁଇଟି ଆସିବାରୁ ବିଲେଇ ଛୁଆ ଦୁଇଟି ଖାଇପାରିଲା ନାହିଁ । କପୋତକୁ ଦେଖି ବିଲେଇ କହିଲା –

କପୋତ ଭାଇରେ କପୋତ ଭାଇ
ଭୋକରେ ମୁଁ ରହି ପାରୁ ନାହିଁ
ଆସିଥିଲି ଖାଦ୍ୟ ଖାଇବା ପାଇଁ ,
ଖୁମ୍ପି ପକାଇଲ ମୁଣ୍ଡକୁ ମୋର
କେମିତି ବଂଚିବି କହରେ ତୁହି ॥

ବିଲେଇ ଠାରୁ ଏପରି କଥା କପୋତ ଦୁଇଟି ଶୁଣିଲେ ।

ମାଈ କପୋତ କହିଲା-

'କି କଥା କହୁଚୁ ବିଲେଇ ନାନୀ
ଭୋକ ହେଲା ବୋଲି ଆସିଲୁ ଧାଇଁ
ମୋର ଛୁଆକୁ ତୁ ଖାଇବୁ ବୋଲି,
କାହିଁ ହେଉଛୁ ତୁ ହିନିମାନି ॥'

ବିଲେଇ ନାନୀ କପୋତ ଠାରୁ ଏପରି କଥା ଶୁଣି ମୁଣ୍ଡ କାନ ଆଉଁଷି ତା ଘରକୁ ଯିବାକୁ ମନସ୍ଥ କଲା । ମାଈ କପୋତ କହିଲା, 'ହେ ବିଲେଇ ନାନୀ ତୁ ଭୋକରେ କିଆଁ ରହିବୁ। ମୋର ଛୁଆକୁ ନ ଖାଇଲେ କଣ ହେଲା ତୋ ପାଇଁ ଆଜି ମୁଁ ଭଲ ଖାଦ୍ୟ ଯୋଗାଡ କରିଦେବି । ତୁ ବ୍ୟସ୍ତ ହେବୁନି ।'

କପୋତ ଠାରୁ ଏପରି କଥା ଶୁଣି ବିଲେଇ ହଁ କଲା । କପୋତ କହିଲା- ସନିଆଁ ଘରେ ଭଲ କୁକୁରଟିଏ ଅଛି । ସେ ଜଙ୍ଗଲରୁ ଶୀକାର କରି ତା ପିଲାମାନଙ୍କୁ ଦିଏ । ତୁ ମୋ ସହ ଯିବୁ ଆଉ ମନ ଭରି ଖାଇବୁ ।

"ତା ପର ଦିନ ପାରା ବିଲେଇ ନାନୀକୁ କହିଲା, କୁକୁର ଭାଇ ପୁଣି ଜଙ୍ଗଲକୁ ଶୀକାର କରିବାକୁ ଯାଇଛି । କୁକୁଡା ଆଣି ରଖିଛି ତା ଘରେ । ତୁ ଯାଇ ମନ ଭରି ଖାଇବୁ । ମୋ କଥା ମାନିଲେ ହେଲା ।



ବିଲେଇ ନାନୀ ପାରାର କଥା ଶୁଣି ହଁ ମାରିଲା । ପାରାଟି ଘରର ଚାଳ ଉପରେ ଉପରେ ଗଲା କୁକୁର ରହୁଥିବା ସ୍ଥାନକୁ । ବିଲେଇ ଚାଲି ଚାଲି ଗଲା । ପାରା ବିଲେଇକୁ କହିଲା- ବିଲେଇ ନାନୀ ସେଇ ଭିତରେ କୁକୁଡା ମାଂସ ରହିଛି । ତୁ ଯାଇକି ଖାଇପକା । ମୁଁ ଯାଉଛି । ବାଏ ....ବାଏ....."

ବିଲେଇ କୁକୁର ବସା ଭିତରକୁ ଯାଇ କୁକୁଡାକୁ ଖାଇବାରେ ଲାଗି ପଡିଥାଏ । ଠିକ୍ ସେଇ ସମୟରେ କୁକୁର ଆସିଲା । ଦେଖେ ତ ବିଲେଇ ମନ ଭରି କୁକୁଡାକୁ ଖାଉଛି । କୁକୁର ଦେଖି ବିଲେଇ ଦଉଡିବାକୁ ଲାଗିଲା । କୁକୁର ତା ପଛେ ପଛେ ଧାଇଁଲା । ବିଲେଇକୁ ଚାବି ଅଧମରା କରି ପକାଇଲା । ସେଇ ସମୟରେ ପାରାଟି ବିଲେଇକୁ ଦେଖି କହିଲା ।

ବିଲେଇ ନାନୀ
ମୋ ପିଲା ମାନଙ୍କୁ ଖାଇବାକୁ ତୁହି
ଆସିଥିଲୁ ସତେ ଧାଇଁ
ମିଛ କହି ତତେ ଭୁଆଁ ବୁଲେଇଲି
କୁକୁର ଚାବିଲା ଯାଇ,
ପରର ଅନିଷ୍ଟ ଚିନ୍ତା କରିବୁନି
ମନରୁ ଭୁଲିବୁ ନାଇଁ ॥

+ କବି କୁଟିର , ସା/ପୋ-ଡଇଁଚା,
ଭାୟା-ରେଢାଖୋଲ,
ଜି-ସମ୍ବଲପୁର- ୭୬୮୧୦୬
ମୋ-୭୦୭୭୫୭୯୩୧୭

# ସରିଗଲା ଖରାଛୁଟି

## ନିରଞ୍ଜନ ସାହୁ

ଖରାଛୁଟି ସରିଗଲା
ସ୍କୁଲ ଖୋଲା ହେବ
ପାଠପଢା ସଭିଙ୍କର ମନେ ଖୁସି ଦେବ ।

ବିଦ୍ୟାଳୟ ପରିସର
ପରିଷ୍କାର ହେଲା
ଆମ ପାଇଁ ବିଦ୍ୟାଳୟ ଫାଟକଟି ମେଲା।

ଖରାଦିନ ପରେ ଏବେ
ବର୍ଷା ଋତୁ ଆସେ
ଗ୍ରୀଷ୍ମର ସବୁ ତାପ ବର୍ଷା ପରା ନାଶେ ।

ନୂଆନୂଆ ବର୍ଷା ସ୍ୱର୍ଣ
ବିଦ୍ୟାଳୟ ପାଇ
ହସୁଛନ୍ତି ଫୁଲଗଛ ପରିସରେ ଥାଇ ।

ଶ୍ରେଣୀ ଗୃହ ରହିଅଛି
ଆମ ବାଟ ଚାହିଁ
ମନେମନେ ଭାବୁଅଛି ପିଲା ଗଲେ କାହିଁ ?

ଶ୍ରେଣୀ ଗୃହ ପରିଷ୍କାର
ମନ କିଣି ନିଏ
ଆମ ପାଠପଢା ପାଇଁ ଗୁରୁତ୍ୱ ସେ ଦିଏ ।

ଗୁରୁଜୀଗୁରୁମା' ସର୍ବେ
ବିଦ୍ୟାଳୟ ଗଲେ
ସ୍କୁଲ ଖୋଲିବା ପୂର୍ବର ପ୍ରସ୍ତୁତି ଯେ କଲେ।

ସ୍କୁଲ ଗଲେ ସାଙ୍ଗସାଥି
ସର୍ବେ ଭେଟ ହେବା
ସ୍କୁଲ ନୀତିନିୟମକୁ ଟିକେ ଦୃଷ୍ଟି ଦେବା ।

ଖରାଛୁଟି କେଉଁପରି
କଟାଇଲା କିଏ
ଆଲୋଚନା କରିବାରେ ଖୁସି ଆଣି ଦିଏ ।

ପରସ୍ପର ଭଲମନ୍ଦ
ଟିକେ ପଚାରିବା
ସାଙ୍ଗମେଳେ ଖୁସିବାସି ନିଶ୍ଚେ କରୁଥିବା ।

ବିଦ୍ୟାଳୟ ଯିବା ପାଇଁ
ପ୍ରସ୍ତୁତି ଯେ ହୁଅ
ବହିପତ୍ର ସଜାଡିକି ବସ୍ତାନିକୁ ଥୁଅ ।

+ ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩

# ମାଟି ସିଲଟ...

## ରାମଚନ୍ଦ୍ର ବେହେରା



କଳା ମଚମଚ ମାଟି ସିଲଟକୁ
ବସ୍ତାନି ଭିତରେ ରଖି
କାନ୍ଦି କାନ୍ଦି ଶିଶୁ ଚାହାଳୀକୁ ଗଲେ
ଲୁହେ ଭରିଯାଏ ଆଖି।

ମାଷ୍ଟ୍ରଂକ ବେତକୁ ଦେଖିଦେଇ ଶିଶୁ
ଲୁହକୁ ଦିଅଇ ପୋଛି
ଶୂନ ବ୍ରହ୍ମା ବିଷ୍ଣୁ ମହେଶ୍ୱର ଲେଖି
ପାଠରେ ଯାଏ ସେ ମଜି।

ବର୍ଣ୍ଣ ଶେଷହେଲେ ଲେଖଇ ସେ ସଂଖ୍ୟା
ପରେ ପଣକିଆ ବିଧି
ତା'ପରେ ଆସଇ ମିଶାଣ ଫେଡାଣ
ଗୁଣନ ହରଣ ଆଦି।

ପରେ ପରେ ଲେଖେ ଶବ୍ଦ ଯୁକ୍ତାକ୍ଷର
ବର୍ଣ୍ଣବୋଧ ବହି ଦେଖି
ଶ୍ରୁତଲିଖନକୁ ଧ୍ୟାନରେ ଲେଖଇ
ଦେଖି ଲାଖିଯାଏ ଆଖି।

ଆଜି ନଦିଶଇ ସେ ସିଲଟ ଖଡି
ଶିଶୁ ଲେଖେ ଖାତା ପରେ
ପେନସିଲ୍ ଧରି ଅକ୍ଷର ଲେଖଇ
ଧାଡି ଧାଡି ଯତନରେ।

ଯୁଗ ବଦଳୁଛି ପାଠ ବଦଳୁଛି
ବଦଳୁଛି ଶିକ୍ଷା ନୀତି
ହେଲେ ସେ'କାଳର ମାଟି ସିଲଟଟି
ରହିଥିବ ହୋଇ ସ୍ମୃତି।

+ ତେନ୍ତୁଳିପଦା, ଜଗତସିଂହପୁର
(ମୋ) ୭୩୫୫୬୩୪୩୪୬



# ଜିଲ୍ଲାସ୍ତରୀୟ ଷ୍ଟପ ଡାଇରିଆ ପାଳନ

ଖୋର୍ଦ୍ଧା , ୧୯/୦୬ (ନି.ପ୍ର): ଆଜି ପୂର୍ବାହ୍ନରେ ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀ ଙ୍କ କାର୍ଯ୍ୟାଳୟ ମାତୃ ଓ ଶିଶୁ କଲ୍ୟାଣ ସଭା ଗୃହରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ଷ୍ଟପ ଡାଇରିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, ପରିବାର କଲ୍ୟାଣ, ଡାକ୍ତର ପ୍ରଦୀପ କୁମାର ସାହୁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଭେକ୍ଟର ବାହିତ ରୋଗ, ଡାକ୍ତର ଜୀବନ୍ତ ଆଚାର୍ଜୀ, ଶିଶୁ ରୋଗ ବିଶେଷଜ୍ଞ, ଡାକ୍ତର ଅବିନାଶ ରାଉତରାୟ ସମେତ ଆଶା ଓ ଅଙ୍ଗନ୍ୱାଡ଼ି କର୍ମୀ ଯୋଗ ଦେଇଥିଲେ । ଡାଇରିଆକୁ କିପରି ରୋକିବା, ସ୍ୱଚ୍ଛତାକୁ ଆପଣେଇବା, ଓ ଆର ଏସ ପାନୀୟ ଉପରେ ଧାନ ରଖିବା, ଡାଇରିଆ ର ପ୍ରତିଷେଧକ ଜିଙ୍କ ବଟିକା ଏବଂ ଓ ଆର ଏସ ବ୍ୟବହାର ଉପରେ ସୁନିଶ୍ଚିତ କରିବା, ୫ ବର୍ଷର କମ ଶିଶୁଙ୍କୁ ଅଧିକ ଧାନରେ ରଖିବା ଉପରେ ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀ ଶ୍ରୀ ସରୋଜ କୁମାର ସିଂ ଆଲୋକପାତ କରିଥିଲେ । ଭେକ୍ଟର ବାହିତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ବିଶୁଦ୍ଧ ପିଇବା ପାଣି ପିଇବା, ଖାଇବା ପୂର୍ବରୁ ହାତକୁ ଭଲ ଭାବରେ ସାବୁନ ରେ ଧୋଇବା ତଥା ରୋଟା ଭାଇରସ ଓ ମିଳିମିଳା ଟୀକାକରଣ ଉପରେ ସଚେତନତା ସୂଚନା ଓ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଡି ଏମ ଆର ସି ଏସ, ଶ୍ରୀମତୀ ରୋଜାଲିନ ମହାପାତ୍ର ଓ ସହାୟକ ଜନସ୍ୱାସ୍ଥ୍ୟ ସଂଚାରଣ ଅଧିକାରୀ ରବୀନ୍ଦ୍ର କୁମାର ପାରମାଣିକ ଆଶା କର୍ମୀ ମାନଙ୍କର ଆଜ ଦିନଠାରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଘରକୁ ଘର ଯାଇ ଷ୍ଟପ ଡାଇରିଆ ବାର୍ତ୍ତା ଓ ପରାମର୍ଶ ଦେବା ଏବଂ ଓ ଆର ଏସ ଏବଂ ଜିଙ୍କ ବଟିକା ପ୍ରଦାନ କରିବାର ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଥିଲେ । ଘର ଓ ଚତୁର୍ପାର୍ଶ୍ୱିକ ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିବା, ବିଶୁଦ୍ଧ ପାଣି ବ୍ୟବହାର, ହାତ ଧୋଇବା, ଖାଦ୍ୟ ପଦାର୍ଥ ଘୋଡାଇ ରଖିବା, କୂଅ ପାଣି ବିଶୋଧନ, ଶୌଚାଳୟ ବ୍ୟବହାର ଦିଗରେ ଆଶା କର୍ମୀଙ୍କ ଦାୟିତ୍ୱ ସମ୍ପର୍କରେ ମଧ ବକ୍ତବ୍ୟ ରଖିଥିଲେ । ଶେଷରେ ରୋଜାଲିନ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

# ଜିଲ୍ଲାସ୍ତରୀୟ ଟେବୁଲ ଟପ ଏକ୍ସରସାଇଜ ଅନୁଷ୍ଠିତ

ପୁରୀ, ୧୯/୦୬ (ନି.ପ୍ର): ପ୍ରାକୃତିକ ବିପର୍ଯ୍ୟୟ ଅପ୍ରତ୍ୟାଶିତ। ଏହା କୌଣସି ସମୟରେ ମଧ ଆସିପାରେ। ପ୍ରାକୃତିକ ବିପର୍ଯ୍ୟୟକୁ ରୋକା ଯାଇ ପାରିବ ନାହିଁ। କିନ୍ତୁ ସତର୍କତା, ସଚେତନତା ଓ ପୂର୍ବ ପ୍ରସ୍ତୁତି ଦ୍ୱାରା ଧନଜୀବନ ହାନି ଓ କ୍ଷୟକ୍ଷତିକୁ ରୋକିବା ସହ ବିପର୍ଯ୍ୟୟକୁ ପ୍ରଶମିତ କରିବାରେ ସହାୟକ ହୋଇଥାଏ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସମ୍ପର୍କରେ ଏକ ଟେବୁଲ ଟପ ଏକ୍ସରସାଇଜ ବା ଅଭ୍ୟାସ - ୨୦୨୬ ଅନୁଷ୍ଠିତ ହୋଇଥିଲା। ଓସଡମା ର ସହଯୋଗ ଓ ପୁରୀ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ପୁରୀ ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା ଭାବେ ପରିଗଣିତ। ବିଶେଷ କରି ବନ୍ୟା, ବାତ୍ୟା ଚିର ସହଚର ହୋଇଥିବାରୁ ଏଥିପାଇଁ ସମସ୍ତେ ଅଭିଜ୍ଞତା ଓ ଅନୁଭବ ଆଧାରରେ ସତର୍କ ରହିବାକୁ ସେ ମତ ଦେଇଥିଲେ। ବିପର୍ଯ୍ୟୟ ପୂର୍ବ, ବିପର୍ଯ୍ୟୟ ସମୟ ଓ ବିପର୍ଯ୍ୟୟ ପରବର୍ତୀ କାର୍ଯ୍ୟସୂଚୀର ମାର୍ଗଦର୍ଶିକା ଆଧାରରେ ବାରମ୍ବାର ଅଭ୍ୟାସ ଓ ସାଧାରଣ ଜନତାଙ୍କୁ ସଚେତନ କରାଇବା ସମ୍ପର୍କରେ ଶ୍ରୀ ବେହେରା ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ରାଜୀବ କୁମାର ବେହେରା ସମସ୍ତ ବାତ୍ୟା ଆଶ୍ରୟ ସ୍ଥଳ ଗୁଡିକର ସ୍ଥିତି ଅନୁଧ୍ୟାନ, ଶୌଚାଳୟ, ପାନୀୟ ଜଳ, ବିଦ୍ୟୁତ ବ୍ୟବସ୍ଥା ଇତ୍ୟାଦିକୁ ବହୁ ପୂର୍ବରୁ ନିରୀକ୍ଷଣ ଓ ଉପଯୁକ୍ତ ବ୍ୟବସ୍ଥା କରିବାକୁ ମତ ଦେଇଥିଲେ। ଜରୁରୀ ବିଭାଗର ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ। ଅଗ୍ନିଶମ ବିଭାଗ ସେମାନଙ୍କ ପାଖରେ ଉପଲବ୍ଧ ଯନ୍ତ୍ରପାତି ଗୁଡ଼ିକୁ ତନଖି ସାରିବା ସହ ଅତ୍ୟାଧୁନିକ ଯନ୍ତ୍ରପାତି ଗୁଡିକ ସମ୍ପର୍କରେ ଓ କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ସ୍ୱାସ୍ଥ୍ୟ, କୃଷି, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ମତ୍ସ୍ୟ, ପ୍ରାଣୀ ସମ୍ପଦ, ଆରକ୍ଷୀ ବିଭାଗ, ଜିଲ୍ଲା ସମାଜ କଲ୍ୟାଣ, ସାମାଜିକ ସୁରକ୍ଷା, ଜିଲ୍ଲା ଶିକ୍ଷା ବିଭାଗ, ଯୋଗାଣ ବିଭାଗ, ଗ୍ରାମ୍ୟ ଉନ୍ନୟନ, ଓ୍ୱାଟକୋ, ଗ୍ରାମ୍ୟ ଜଳ ଯୋଗାଣ, ଜଳସେଚନ, ପୂର୍ତ୍ତ, ଡ୍ରେନେଜ ବିଭାଗ, ଏନଡିଆରଏଫ ପକ୍ଷରୁ ସେମାନଙ୍କ ବିଭାଗର କାର୍ଯ୍ୟ ଧାରା ଓ ବିପର୍ଯ୍ୟୟ ପରିପ୍ରେକ୍ଷୀରେ ସେମାନଙ୍କ ବିଭାଗର ଦାୟିତ୍ୱ ସମ୍ପର୍କରେ ବିଷଦ ସୂଚନା ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ସମସ୍ତ ବିଭାଗ ସେମାନଙ୍କ କାର୍ଯ୍ୟର ସଠିକ ନିର୍ବାହ ସହ ଯେମିତି ବିପର୍ଯ୍ୟୟ ସମୟରେ ଉନ୍ନତ ସେବା ଯୋଗାଇ ଦେବେ ସେଥିପାଇଁ ପୂର୍ବ ପ୍ରସ୍ତୁତିକୁ ଚୂଡାନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସଦର ବିଡ଼ିଓ ସମ୍ବିତ ଶତପଥୀ, ଓସଡମା ପକ୍ଷରୁ ଏସଆରସି ଙ୍କ ଓସଡି ସୁରଞ୍ଜିକା ବେହେରା,ପୁରୀ ମହାନଗର ନିଗମର ଅତିରିକ୍ତ ଯୁଗ୍ମ କମିଶନର ଅରିଜିତ ନାୟକ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଏନଡିଆରଏଫ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଆସନ୍ତାକାଲି ମକ ଡ୍ରିଲ ସମସ୍ତ ବ୍ଲକର ୧୭୯ ଗୋଟି ବହୁମୁଖୀ ଆଶ୍ରୟ ସ୍ଥଳ ମଧ୍ୟରୁ ୧୭୬ ଟିରେ ପୂର୍ବାହ୍ନ ୮ଟା ରେ କରାଯିବ। ପୂର୍ବରୁ ୩ଟି ଆଶ୍ରୟ ସ୍ଥଳରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଦର ମହକୁମାର ସର୍କିଟ ହାଉସ ଠାରେ ମଧ ଅନୁରୂପ ଭାବେ ମକ ଡ୍ରିଲ ଅନୁଷ୍ଠିତ ହେବ ବୋଲି ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଥିଲେ। ଏ ସମ୍ପର୍କରେ ସମସ୍ତ ବିଡ଼ିଓ ମାନଙ୍କ ସହ ଗତକାଲି ଅପରାହ୍ନରେ ଆଭାସୀ ମାଧ୍ୟମରେ ଆଲୋଚନା କରାଯାଇଥିଲା ବୋଲି ଡେପୁଟି କଲେକ୍ଟର ଶ୍ରୀ ଗନ୍ତାୟତ କହିଥିଲେ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ଡିକାର୍ବନାଇଜେସନ୍ ଅଭିଯାନକୁ ସୁଦୃଢ଼ କରିବା ପାଇଁ ଅଙ୍ଗାରକାମ୍ଳ ଡାସବୋର୍ଡ ଶୁଭାରମ୍ଭ




ରାଉରକେଲା, ୧୯/୦୬ (ନି.ପ୍ର): ସ୍ଥାୟୀ ଇସ୍ପାତ ନିର୍ମାଣ ଓ ଡିଜିଟାଲ୍ ପରିବେଶ ପରିଚାଳନା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ, ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ତାହାର ଅଙ୍ଗାରକାମ୍ଳ ଡାସବୋର୍ଡ ଲଞ୍ଚ କରିଛି, ଯାହା ଶତ ପ୍ରତିଶତ ଇଆରପି-ସାପ୍ ଆଧାରିତ ତଥ୍ୟ ଏକୀକରଣ ସହିତ ଏକ ଅନନ୍ୟ ଡିଜିଟାଲ ପ୍ଲାଟଫର୍ମ। ଇସ୍ପାତ ନିର୍ମାଣ ମୂଲ୍ୟ ଶୃଙ୍ଖଳା ରେ ସମଗ୍ର କାର୍ବନ ନିର୍ଗମନକୁ ନୀରିକ୍ଷଣ ଓ ପରିଚାଳନା ଲକ୍ଷ୍ୟରେ ବିକଶିତ ଏହି ଡାସବୋର୍ଡକୁ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅଲୋକ ବର୍ମା ଜୁନ୍ ୧୭ ତାରିଖରେ ମନ୍ଥନ ସମ୍ମେଳନ କକ୍ଷ ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଧିବଦ୍ଧ ଭାବେ ଗୋ-ଲାଇଭ୍ କରିଥିଲେ। ଏହି ଅବସରରେ ଏହି ଅବସରରେ ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଶ୍ରୀ ତରୁଣ ମିଶ୍ର, ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ଶ୍ରୀ ବିଶ୍ୱରଞ୍ଜନ ପଲାଇ, ନିର୍ବାହୀ ନିର୍ଦ୍ଦେଶକ (ଇ ଏମ ଡି) କୋଲକାତା, ଶ୍ରୀ ଦେବବ୍ରତ ଦତ୍ତ, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଶ୍ରୀ ସୁଦୀପ ପାଲ ଚୌଧୁରୀ, ସିଜିଏମ୍ (ଏଫ୍ ଆଣ୍ଡ ଏ), ଶ୍ରୀ ରାଜେଶ ଦାସଗୁପ୍ତଙ୍କ ସହିତ କାରଖାନାର ଅନେକ ସିଜିଏମ୍ ଓ ଏଚ୍ଓଡି, ଇଏମ୍ଡି କୋଲକାତାର ବରିଷ୍ଠ ଅଧିକାରୀ ଏବଂ ବେଙ୍ଗାଲୁରୁର ମେସର୍ସ ସେନ୍ତା ୱାର୍ଲ୍ଡର ଅଧିକାରୀମାନେ ଉପସ୍ଥିତ ଥିଲେ। ଆରଏସପିର ଡିକାର୍ବନାଇଜେସନ୍ ରଣନୀତିର ଏକ ଅଂଶ ଭାବେ ବିକଶିତ ଏହି ଅଙ୍ଗାରକାମ୍ଳ ଡାସବୋର୍ଡ, କାରଖାନାର କାର୍ବନ ଫୁଟପ୍ରିଣ୍ଟର ତୁରନ୍ତ ମୂଲ୍ୟାୟନ ସକ୍ଷମ ଏବଂ ସିଣ୍ଟର ପ୍ଲାଣ୍ଟ, କୋକ ଓଭନ, ବ୍ଲାଷ୍ଟ ଫର୍ନେସ, ଷ୍ଟିଲ ମେଲ୍ଟିଂ ଶପ ଏବଂ ରୋଲିଂ ମିଲ୍ ସମେତ ମୁଖ୍ୟ ଉତ୍ପାଦନ ୟୁନିଟ୍‌ଗୁଡ଼ିକର ବିଭାଗ-ଭିତ୍ତିକ ନିର୍ଗମନ ବିଶ୍ଳେଷଣ ପ୍ରଦାନ ସକ୍ଷମ ମଧ । ଏହି ପ୍ଲାଟଫର୍ମ ଉତ୍ପାଦନ ଓ ପ୍ରଦ୍ୟୋଗିକ ପାରାମିଟରଗୁଡ଼ିକ ସହିତ ସମ୍ପର୍କ ସ୍ଥାପନ କରି ମୁଖ୍ୟ ନିର୍ଗମନ-ସୃଷ୍ଟିକାରୀ କାରକଗୁଡ଼ିକର ଚିହ୍ନଟ ମଧ ସହଜ କରେ, ଯାହା ଦ୍ୱାରା ନିର୍ଗମନ ହ୍ରାସ ପାଇଁ ସୂଚନା-ଆଧାରିତ ନିଷ୍ପତ୍ତି ନେବାରେ ସହାୟକ ହୁଏ। ଉପସ୍ଥିତ ସମସ୍ତଙ୍କୁ ସମ୍ବୋଧିତ କରି ଶ୍ରୀ ଅଲୋକ ବର୍ମା, ସ୍ଥାୟୀତ୍ୱ ଲକ୍ଷ୍ୟ ହାସଲ କରିବାରେ ଡିଜିଟାଲ ଉପକରଣଗୁଡ଼ିକର ମହତ୍ତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ ଯେ ଏହି ଡାସବୋର୍ଡ ପରିବେଶ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବାରେ ଏବଂ ଆରଏସପିର ଲୋ-କାର୍ବନ ଇସ୍ପାତ ଉତ୍ପାଦନ ଆଡ଼କୁ ଯାତ୍ରାକୁ ମାର୍ଗଦର୍ଶନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଶ୍ରୀ ଦେବବ୍ରତ ଦତ୍ତ ଡାସବୋର୍ଡର ମୁଖ୍ୟ ବିଶେଷତାଗୁଡ଼ିକ ବିଷୟରେ ବୁଝାଇଥିଲେ। ଶ୍ରୀ ତରୁଣ ମିଶ୍ର ଏହି ପ୍ରୟାସର ପ୍ରଶଂସା କରି କହିଥିଲେ ଯେ ପ୍ରତ୍ୟେକ ବରିଷ୍ଠ ଅଧିକାରୀ ନିର୍ଗମନ ଉପରେ ଦୃଷ୍ଟି ରଖିବା ଉଚିତ। ଶ୍ରୀ ପାଲେଇ ତାଙ୍କ ସମ୍ବୋଧନରେ ଦକ୍ଷତା ବୃଦ୍ଧି ପାଇଁ ଅନଲାଇନ ନୀରିକ୍ଷଣର ଆବଶ୍ୟକତା ବିଷୟରେ କହିଥିଲେ, ଅପରପକ୍ଷେ ଶ୍ରୀ ପାଲ ଚୌଧୁରୀ ସଠିକତା ସୁନିଶ୍ଚିତ କରିବା ଏବଂ ରଣନୀତି ନିର୍ମାଣ ପାଇଁ ଡିଜିଟାଲାଇଜେସନର ମହତ୍ତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଡାସବୋର୍ଡକୁ ବେଙ୍ଗାଲୁରୁର ମେସର୍ସ ସେନ୍ତା ୱାର୍ଲ୍ଡ, ଆରଏସପିର ପ୍ରାଦ୍ୟୋଗିକ ଦଳ ସହିତ ମିଶି, ୮୫ ଦିନର ଏକ ରେକର୍ଡ ସମୟରେ ବିକଶିତ କରିଥିଲେ। ଏହି ଦଳରେ ଶ୍ରୀ ଭି.ଭି.ଆ.ର. ମୂର୍ତ୍ତି, ଜିଏମ୍ (ଇ ଏମ ଡି), ଶ୍ରୀ ଏସ୍. ନାରାୟଣ ରାଓ, ଡିଜିଏମ୍ (ଏଫ୍ ଏଣ୍ଡ ଏ), ଶ୍ରୀ ମୟାଙ୍କ କୁମାର ସିଂ, ଏଜିଏମ୍ (ସି ଆଣ୍ଡ ଆଇଟି), ଶ୍ରୀ ଅମୂଲ୍ୟ ନାୟକ, ଏଜିଏମ୍ (ପିପିସି), ଶ୍ରୀମତୀ ପ୍ରୀତି ପଦ୍ମା ଦାସ, ଏଜିଏମ୍ (ପିପିସି) ଏବଂ ଶ୍ରୀ ହିମାଂଶୁ ମିଶ୍ର, ସିନିୟର ମ୍ୟାନେଜର (ଇଏମ୍ଡି) ଅନ୍ତର୍ଭୁକ୍ତ ଥିଲେ। ଏହି ଡାସବୋର୍ଡ ବିଶ୍ୱ ସ୍ତରରେ ସ୍ୱୀକୃତ ପଦ୍ଧତିଗୁଡ଼ିକ ଯଥା ୱାର୍ଲ୍ଡ ଷ୍ଟିଲ୍ ଆସୋସିଏଶନ ଫ୍ରେମ୍‌ୱର୍କ, ଜିଏଚ୍‌ଜି ପ୍ରୋଟୋକଲ, ସିବିଏଏମ୍ ଏବଂ ସିସିଟିଏସ୍ ବ୍ୟବହାର କରି କାର୍ବନ ଫୁଟପ୍ରିଣ୍ଟ ଗଣନା କରେ, ଏବଂ ଇଆରପି-ସାପ୍ ସିଷ୍ଟମରୁ ସିଧାସଳଖ ଦୈନିକ ଭିତ୍ତିରେ ଉତ୍ପାଦନ ତଥ୍ୟ ସଂଗ୍ରହ କରେ—ଯାହା ଏହାକୁ ଭାରତୀୟ ଇସ୍ପାତ ଉଦ୍ୟୋଗରେ ଏକ ଅନନ୍ୟ ପ୍ରୟାସ ର ମାନ୍ୟତା ଦେଇଛି । ଶ୍ରୀ ଭି.ଭି.ଆର୍. ମୂର୍ତ୍ତି ଉପସ୍ଥିତ ସମସ୍ତଙ୍କୁ ଡାସବୋର୍ଡର ବିକାଶ ବିଷୟରେ ସୂଚନା ଦେଇ ପ୍ରୋଜେକ୍ଟ ସହିତ ଜଡ଼ିତ ପ୍ରାଦ୍ୟୋଗିକ ଦଳକୁ ପରିଚିତ କରାଇଥିଲେ। ସେଲ୍, କୋଲକାତାର ଇ ଏମ ଡି ଡିଭିଜନର ପ୍ରତିନିଧିମାନେ ଏବଂ ମେସର୍ସ ସେନ୍ତା ୱାର୍ଲ୍ଡର ଅଧିକାରୀମାନେ ମିଶି ଡାସବୋର୍ଡର ବିଶେଷତାଗୁଡ଼ିକୁ ପ୍ରଦର୍ଶନ କରି ଏହାର ସାମର୍ଥ୍ୟକୁ ଉଲ୍ଲେଖ କରିଥିବା ବେଳେ ଶ୍ରୀ କେ.କେ. ସେନଗୁପ୍ତ, ସିଜିଏମ୍ (ଆଇ ଆଣ୍ଡ ଏ) ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ପ୍ରୟାସ ପରିବେଶ ଉତ୍କର୍ଷ ଓ ସ୍ଥାୟୀ ଇସ୍ପାତ ଉତ୍ପାଦନ ପାଇଁ ଡିଜିଟାଲ ପ୍ରଯୁକ୍ତିର ସଦୁପଯୋଗ କରିବାରେ ଆରଏସପିର ଅନବରତ ପ୍ରୟାସର ଏକ ଆଉ ମାଇଲଖୁଣ୍ଟ ।

# ଦୁଷ୍କର୍ମ ମାମଲାରେ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା

କନ୍ଧମାଳ, ୧୯/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲା ମାନ୍ୟବର ଅତିରିକ୍ତ ଜିଲ୍ଲା ଦୌରା।ର୍ଜଜ୍ ତଥା ଏଫ୍.ଟି.ଏସ୍.ସି ବିଚାରପତି, କୈଳାସ ଚନ୍ଦ୍ର ସ୍ୱାଇଁ ଫୁଲବାଣୀ ସଦର ଥାନାର ଏକ ମାମଲା ୨୨୯।୨୦୨୫ ଏବଂ ସି.ଟି. କେସ୍ ନଂ. ୬୧। ୨୦୨୫ ମାମଲାର ବିଚାର କରି ଦୋଷୀ ଦିଲ୍ଲିପ ଓରଫ ଉପେନ୍ଦ୍ର କହଁରକୁ ଧାରା ୬୪(୨)(ଏମ୍) ବିଏନଏସ, ଆର/ଡବ୍ଲ୍ୟୁ ଧାରା ୬(୧) ପୋକ୍ସୋ ଆଇନରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ କରିଛନ୍ତି । ଜରିମାନା ଅନାଦେୟ ୧ ବର୍ଷ ଅଧିକ କାରାଦଣ୍ଡ ଭୋଗ କରିବାକୁ ମଧ ଆଦେଶ କରିଛନ୍ତି । ମାମଲାର ବିବରଣୀ ମୁତାବକ, ଗତ ଡିସେମ୍ବର, ୨୦୨୪ ମସିହା, ଫୁଲବାଣୀ ସଦର ଥାନା ଅଂଚଳର ଜଣେ ୧୬ ବର୍ଷର ନାବାଳିକା କଲେଜ୍ ରୁ ଘରକୁ ଫେରୁଥିବା ବେଳେ ଦିଲ୍ଲିପ ଗୋଟିଏ ପରିତ୍ୟକ୍ତ କେନ୍ଦୁପତ୍ର ଗୋଦାମ ଭିତରକୁ ଟାଣି ନେଇ ତା ସହିତ ବାରମ୍ବାର ଦୁଷ୍କର୍ମ କରିଥିଲା । ଏହି କଥା। ଘର ଲୋକଙ୍କୁ କହିଲେ ତାକୁ ଜୀବନରେ ମାରିଦେବି ବୋଲି ଧମକ ମଧ ଦେଇଥିବା ନେଇ ପୀଡିତା କୋର୍ଟରେ ନିଜ ବୟାନରେ କହିଛି । କିଛି ଦିନ ପରେ ପୀଡିତା, ଗର୍ଭବତୀ ହୋଇଥିଲା। ହେଲେ ଲଜ୍ଜାରେ କାହାକୁ କିଛି କହି ନଥିଲା । ତାଙ୍କ ଘର ଲୋକ ଜାଣିବା ପରେ ପୀଡିତା ଥାନାରେ ଏତଲା ଦେଇଥିଲା । ଏହି କେସ୍ ରେ ୨୩ ଜଣ ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପ୍ରମାଣ ଆଧାରରେ ବିଚାରପତି ଆଜି ଏହି ଦଣ୍ଡାଦେଶ ଶୁଣାଇଛନ୍ତି କ୍ଷ ଏଥି ସହ ପୀଡିତାଙ୍କୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଫୁଲବାଣୀ ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି। ମାମଲାକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ରାଜ୍ କୁମାର ବେହେରା। ପରିଚାଳନା କରୁଥିବା ବେଳେ ତ୍ରିଲୋଚନ ପରିଡା, ଡିଡିପି କନ୍ଧମାଳ ଏବଂ ପୂର୍ଣ୍ଣ ଚନ୍ଦ୍ର ନାଗ, ପି.ପି. ଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା । ଏହି ମାମଲାର ତଦନ୍ତକାରୀ ଅଧିକାରୀ ଏସ୍.ଆଇ ଲକ୍ଷ୍ମୀ ଝୁଂଟିଆଙ୍କୁ ତାଙ୍କର ନିରପେକ୍ଷ ତଦନ୍ତ ପାଇଁ ଧନ୍ୟବାଦ ଦିଆଯାଇଛି ।

# ଦେଶି ମଦ ଚାଲାଣ ବେଳେ ଚଢଉ: ୨ ଗିରଫ

ଜୟପୁର, ୧୯/୦୬ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଆଜି ଚଢଉ କରାଯାଇଛି । ଚଢଉ କରି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ରତାଖଣ୍ଡି ଗ୍ରାମର ନନ୍ଦ ସୁକିଆ (୩୮) ଓ ଉମୁରି ଗ୍ରାମର କୈଳାଶ ଚୈଧୁରି । ସୂଚନା ଅନୁଯାୟୀ, ୨ଟି ବାଇକରେ ଦେଶି ମଦ ଚାଲାଣ ହେଉଥିବା ସୂଚନା ପାଇ ଜୟପୁର ଅବକାରି ଥାନା ଆଜି ବିଜେ ୨ ରାସ୍ତା ରେ ଓ ଢେପଗୁଡାର ଚଢଉ କରିଛି । ଚଢଉ କରି ୨ଟି ବାଇକ ସହ ୫୫ ଲିଟର ଦେଶି ମଦ ଜବତ କରିଛି । ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି । ସେହିପରି ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡା ଜଙ୍ଗଲରେ ଆଜି ଅବକାରି ଚଢଉ ହୋଇଛି । ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଥାନା, ସଦର ପୋଲିସ, ଜିଲା ଫ୍ଲାଇଙ୍ଗ ସ୍କାର୍ଡର ମିଳିତ ଚଢଉ କରାଯାଇଛି । ଚଢାଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୧୨ ଶହ ଲିଟର ପୋଚ ଓ ୯୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଛି ।

# ଜଗତସିଂହପୁର ଜିଲ୍ଲାରେ ସୁଚାରୁ ରୂପେ ଚାଲିଛି ଏସଆଇଆର ଫର୍ମ ବଣ୍ଟନ

## ■ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ପରିଦର୍ଶନ କଲେ ଅତିରିକ୍ତ ଜିଲ୍ଲାପାଳ
## ■ଶହେ ପ୍ରତିଶତ ଫର୍ମ ବଣ୍ଟନ ପାଇଁ ୧୪ ବିଏଲଓ ଏବଂ ୩ ବିଏଲଓ ସୁପରଭାଇଜର ସମ୍ବର୍ଦ୍ଧିତ




ପାରାଦ୍ୱୀପ, ୧୯/୦୬ (ନି.ପ୍ର): ଜଗତସିଂହପୁରରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ବା ଏସଆଇଆର ପ୍ରକ୍ରିୟା ଆରମ୍ଭ ହେବା ସହ ବୁଥ ସ୍ତରୀୟ ଅଧିକାରୀମାନେ ଘର ଘର ବୁଲି ପରିଗଣନା ଫର୍ମ ବଣ୍ଟନ କରୁଛନ୍ତି। ଏହି କ୍ରମରେ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ, ପାରାଦ୍ୱୀପ ଶ୍ରୀ ନିରଞ୍ଜନ ବେହେରା ଆଜି ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁଜଙ୍ଗ ବ୍ଲକ ପରିଦର୍ଶନ କରି ଶହେ ପ୍ରତିଶତ ପରିଗଣନା ଫର୍ମ ବଣ୍ଟନ ଶେଷ ହୋଇଥିବା ଯୋଗୁଁ ୧୪ ଜଣ ବିଏଲଓ ଏବଂ ୩ ବିଏଲଓ ସୁପରଭାଇଜର ଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ଏହି ଅବସର ରେ ଇରଜଙ୍ଗ ତଥା ବିଡ଼ିଓ ଦୀପକ ପ୍ରସାଦ ସ୍ୱାଇଁ, ଇରଜଙ୍ଗ ତଥା ତହସିଲଦାର କୁଜଙ୍ଗ ସ୍ୱରୂପ ନନ୍ଦନ ବେହେରା ଉପସ୍ଥିତ ଥିଲେ।ଜୁନ୍ ୨୮ ଯାଏଁ ଏହି ପ୍ରକ୍ରିୟା ଚାଲିବ। ପୂରଣ ହୋଇଥିବା ପରିଗଣନା ଫର୍ମ ଆଧାରରେ ଚିଠା ଭୋଟର ତାଲିକା ପ୍ରସ୍ତୁତ ହେବ। ବି ଏଲ ଓ ମାନେ ହେଲେ ବୁଥ ନମ୍ବର ୨୯ ର ଶୁକଲତା ବେହେରା,ବୁଥ ନମ୍ବର ୨୬ ର ରାଜଲକ୍ଷ୍ମୀ ସେନାପତି, ବୁଥ ନମ୍ବର ୪୦ ର ଅନୁପମା ଦାସ,ବୁଥ ନମ୍ବର ୭୧ ର ପାର୍ବତୀ ମହାନ୍ତି, ବୁଥ ନମ୍ବର ୨୨ ର ମଞ୍ଜୁଲତା ସୁତାର, ବୁଥ ନମ୍ବର ୩୮ ର ରୀତାବାଳା ସ୍ୱାଇଁ,ବୁଥ ନମ୍ବର ୨୫ ର ସଙ୍ଗୀତା ଶତପଥୀ, ବୁଥ ନମ୍ବର ୬୮ ର ରଶ୍ମୀ ନାୟକ,ବୁଥ ନମ୍ବର ୨୦ ର କଳ୍ପନା ବେହେରା,ବୁଥ ନମ୍ବର ୨୧ ର ଅନ୍ନପୂର୍ଣ୍ଣା ସେଠୀ, ବୁଥ ନମ୍ବର ୭୩ ର ରୀନାରାଣୀ ଦାସ, ବୁଥ ନମ୍ବର ୧୧୫ ର ଜ୍ୟୋତ୍ସ୍ନାବାଳା ମହାନ୍ତି, ବୁଥ ନମ୍ବର ୯୭ ର ମନୋରମା ଦାସ, ବୁଥ ନମ୍ବର ୯୮ ର ଇନ୍ଦୁବ୍ରଜ ଲେଙ୍କା । ବି ଏଲ ଓ ସୁପରଭାଇଜର ମାନେ ହେଲେ ସହଦେବ ଗୁରୁ, ସଚଳା ମହାନ୍ତି ଓ ଲୋକନାଥ ବେହେରା ।

# ବିକାଶ ମୂଳକ କାର୍ଯ୍ୟର ଲୋକାର୍ପଣ କଲେ ବିଧାୟକ

ଜୟପୁର, ୧୯/୦୬ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ବାଲିଆ ଗ୍ରାମ ପଂଚାୟତ ଠାରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ କରକମଳରେ ପାଞ୍ଜିଆଗୁଡା ଠାରେ ନିର୍ମିତ ବଜାର ଗୃହ ଏବଂ ବାଲିଆ ଠାରେ ନିର୍ମିତ ଗ୍ରାମ ପଂଚାୟତ ସହାୟତା କେନ୍ଦ୍ରର ଲୋକାର୍ପଣ ହୋଇଛି ।ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ରେ ବ୍ଲକ ଅଧକ୍ଷା ତିଲୋତମା ମୁଦୁଲି, ଉପାଧାକ୍ଷା ଗଣେଶ୍ୱର ପ୍ରସାଦ ପାଢ଼ୀ, ବିଡ଼ିଓ ଶକ୍ତି ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଅସ୍ତା ନାୟକ, ସରପଂଚ ସରସ୍ୱତୀ ମାଝୀ, ବାଲିଆ ଗ୍ରାମ ପଂଚାୟତ; ସମିତି ସଭ୍ୟ ମକରଧ୍ୱଜ ହରିଜନ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ନନ୍ଦ, କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ପାତ୍ର, ବ୍ଲକ ସଭାପତି ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ କ୍ଷଉଦ୍ଘାଟିତ ବଜାର ଗୃହ ସ୍ଥାନୀୟ ବ୍ୟବସାୟୀ ଓ ଚାଷୀମାନଙ୍କ ପାଇଁ ଉନ୍ନତ ବଜାର ସୁବିଧା ସୃଷ୍ଟି କରିବା ସହିତ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବ। ସେହିପରି ଗ୍ରାମ ପଂଚାୟତ ସହାୟତା କେନ୍ଦ୍ର ସାଧାରଣ ଲୋକଙ୍କୁ ସରକାରୀ ସେବା ଓ ସୁବିଧା ସହଜରେ ଉପଲବ୍ଧ କରାଇବାରେ ସହାୟକ ହେବ।

# ୨୦୨୬ ମସିହାରେ ସେଲ୍ ରାଉରକେଲା ଇସ୍ପାତ କାରଖାନାରେ ୧,୨୦୦ରୁ ଅଧିକ ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କ ଅବକାଶ କାଳୀନ ପ୍ରଶିକ୍ଷଣ




ରାଉରକେଲା, ୧୯/୦୬ (ନି.ପ୍ର): ଦେଶର ବିଭିନ୍ନ ଇଞ୍ଜିନିୟରିଂ ଅନୁଷ୍ଠାନରୁ ୧,୨୦୦ ରୁ ଅଧିକ ସ୍ନାତକ (ଅଣ୍ଡରଗ୍ରାଜୁଏଟ୍) ଇଞ୍ଜିନିୟରିଂ ଛାତ୍ରଛାତ୍ରୀ ସେଲ୍ ରାଉରକେଲା ଇସ୍ପାତ କାରଖାନା ଠାରେ 'ଅବକାଶ କାଳୀନ ପ୍ରଶିକ୍ଷଣ-୨୦୨୬' ଗ୍ରହଣ କରିଛନ୍ତି। ବିଶେଷ ଭାବରେ, ଏହି ଛାତ୍ରଛାତ୍ରୀମାନେ ଏପ୍ରିଲ୍‌ରୁ ଜୁନ୍ ମଧ୍ୟରେ ୪ଟି ଭିନ୍ନ ଭିନ୍ନ ବ୍ୟାଚ୍‌ରେ ଯୋଗ ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସମସ୍ତ ବ୍ୟାଚ୍ ଏଲ୍ ଆଣ୍ଡ ଡି ବିଭାଗର ଗୋପବନ୍ଧୁ ଅଡିଟୋରିୟମଠାରେ ଆୟୋଜିତ ଓରିଏଣ୍ଟେସନ୍ ଅଧିବେଶନ ସହିତ ଆରମ୍ଭ ହୋଇଥିଲା। ଭାରତର ଅନ୍ୟତମ ବୃହତ୍ତମ ସମନ୍ୱିତ ଇସ୍ପାତ କାରଖାନାର କାର୍ଯ୍ୟ ପ୍ରଣାଳୀ ବିଷୟରେ ପ୍ରତ୍ୟକ୍ଷ ଅଭିଜ୍ଞତା ହାସଲ କରିବା ପାଇଁ ମେକାନିକାଲ୍, ଇଲେକ୍ଟ୍ରିକାଲ୍, ମେଟାଲର୍ଜିକାଲ୍, ସିଭିଲ୍, ଇଲେକ୍ଟ୍ରୋନିକ୍ସ ଏବଂ କମ୍ପ୍ୟୁଟର ସାଇନ୍ସ ସମେତ ବିଭିନ୍ନ ଇଞ୍ଜିନିୟରିଂ ଶାଖାର ଛାତ୍ରଛାତ୍ରୀମାନେ ଏଥିରେ ନାମ ପଞ୍ଜୀକରଣ କରିଥିଲେ।

ଏଲ୍ ଆଣ୍ଡ ଡି ବିଭାଗର ମହାପ୍ରବନ୍ଧକ (ଏଚଆର-ଏଲ୍ ଆଣ୍ଡ ଡି) ଶ୍ରୀ ପ୍ରଦୀପ୍ତ କୁମାର ସାହୁ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ, ମୁଖ୍ୟ ମହାପ୍ରବନ୍ଧକ (ଏଚଆର-ଏଲ୍ ଆଣ୍ଡ ଡି) ଶ୍ରୀ ପ୍ରମୋଦ କୁମାର ସାହୁଙ୍କ ମାର୍ଗଦର୍ଶନରେ ଏହି ଓରିଏଣ୍ଟେସନ୍ କାର୍ଯ୍ୟକ୍ରମଗୁଡ଼ିକ ପରିଚାଳିତ ହୋଇଥିଲା। ପ୍ରଶିକ୍ଷାର୍ଥୀମାନଙ୍କୁ ରାଉରକେଲା ଇସ୍ପାତ କାରଖାନାର ଇତିହାସ ଓ ବିକାଶ, ଏହାର ଉତ୍ପାଦନ ପ୍ରକ୍ରିୟା, ଉତ୍ପାଦିତ ସାମଗ୍ରୀର ବିବରଣୀ ଏବଂ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ତଥା ଶିଳ୍ପ ଶୃଙ୍ଖଳାର ଗୁରୁତ୍ୱ ବିଷୟରେ ଅବଗତ କରାଇବା ଏହି ଅଧିବେଶନଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ତଥ୍ୟଭିତ୍ତିକ ଉପସ୍ଥାପନା, ଶବ୍ଦ-ଦୃଶ୍ୟ ମାଧ୍ୟମ ଏବଂ କାରଖାନାର ଉତ୍ପାଦନ ଶୃଙ୍ଖଳାକୁ ପ୍ରଦର୍ଶନ କରୁଥିବା ଏକ ଆକର୍ଷଣୀୟ ଭର୍ଚୁଆଲ୍ ରିଆଲିଟି ଫିଲ୍ମ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ଇସ୍ପାତ ଉତ୍ପାଦନ ପ୍ରକ୍ରିୟା ବିଷୟରେ ଧାରଣା ଦିଆଯାଇଥିଲା। ପ୍ରଶିକ୍ଷଣ ଅବଧି ମଧ୍ୟରେ ପାଳନ କରାଯିବାକୁ ଥିବା ସୁରକ୍ଷା ନିୟମାବଳୀ, ବିଭାଗୀୟ ମାର୍ଗଦର୍ଶିକା ଏବଂ ସର୍ବୋତ୍ତମ ଅଭ୍ୟାସ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଓରିଏଣ୍ଟେସନ୍ ପରେ, ପ୍ରଶିକ୍ଷାର୍ଥୀମାନଙ୍କୁ କାରଖାନାର ବିଭିନ୍ନ ବିଭାଗରେ ନିୟୋଜିତ କରାଯାଇଥିଲା, ଯେଉଁଠାରେ ସେମାନେ ନିଜର ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରିବା ସହ କାର୍ଯ୍ୟ ପ୍ରଣାଳୀ, ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଶିଳ୍ପ ପରିଚାଳନା ବ୍ୟବସ୍ଥାକୁ ବୁଝିବା ପାଇଁ ନିର୍ଦ୍ଦିଷ୍ଟ ପରାମର୍ଶଦାତା ଓ ଗାଇଡ୍‌ମାନଙ୍କ ଅଧୀନରେ କାର୍ଯ୍ୟ କରିବେ। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଏଲ୍ ଆଣ୍ଡ ଡି ଦଳ ସହିତ ସହକାରୀ ମହାପ୍ରବନ୍ଧକ (ଏଚଆର-ଏଲ୍ ଆଣ୍ଡ ଡି) ଶ୍ରୀ ଦୁର୍ଯ୍ୟୋଧନ ସାହୁ ସଂଯୋଜନା କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ପ୍ରତିବର୍ଷ ରାଉରକେଲା ଇସ୍ପାତ କାରଖାନା ନିଜର ଶିକ୍ଷାଗତ ଇଣ୍ଟର୍ନସିପ୍ ଆବଶ୍ୟକତା ଅନୁଯାୟୀ ଶତାଧିକ ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କୁ, ବିଶେଷ କରି କର୍ମଚାରୀମାନଙ୍କ ପିଲାମାନଙ୍କୁ ଏବଂ ଦେଶର ପ୍ରତିଷ୍ଠିତ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ଏହି ବ୍ୟାବସାୟିକ ପ୍ରଶିକ୍ଷଣର ସୁଯୋଗ ପ୍ରଦାନ କରିଥାଏ। ଏହି କାର୍ଯ୍ୟକ୍ରମ ବୃହତ ଆକାରର ଶିଳ୍ପ କାର୍ଯ୍ୟକଳାପ, ଉନ୍ନତ ଇସ୍ପାତ ନିର୍ମାଣ ପ୍ରଯୁକ୍ତିବିଦ୍ୟା ଏବଂ ବୃତ୍ତିଗତ କାର୍ଯ୍ୟ ସଂସ୍କୃତି ବିଷୟରେ ବହୁମୂଲ୍ୟ ଜ୍ଞାନ ପ୍ରଦାନ କରିଥାଏ, ଯାହାଦ୍ୱାରା ଶ୍ରେଣୀଗୃହ ଶିକ୍ଷା ଏବଂ ବ୍ୟବହାରିକ ପ୍ରୟୋଗ ମଧ୍ୟରେ ଥିବା ଦୂରତା ହ୍ରାସ ପାଇଥାଏ।

# ନୀଳଗିରି ପଞ୍ଚାୟତସମିତି ସ୍ତରୀୟ 'ବିକାଶର ଧାରା-ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ



ନୀଳଗିରି, ୧୯/୬ (ନି.ପ୍ର): ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ନୀଳଗିରି ପଞ୍ଚାୟତ ସମିତି ଆନୁକୂଲ୍ୟରେ ସମିତି ସ୍ତରୀୟ 'ବିକାଶର ଧାରା - ଓଡ଼ିଶା ସାରା ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଶ୍ରୀଯୁକ୍ତ କରୁଣାକର ପଣ୍ଡା,ଏନ୍. ଏ. ସି.କାର୍ଯ୍ୟକାରୀ ଅଧକ୍ଷ ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା, ଏ.ବି. ଡି.ଓ.ଶ୍ରୀମତୀ ସୁନନ୍ଦା ସାହୁ, ସି. ଡି. ପି.ଓ.ଶ୍ରୀମତୀ ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ।ଏହି କାର୍ଯ୍ୟକ୍ରମକୁ ନୀଳଗିରି ପଞ୍ଚାୟତସମିତି ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଖଟୁଆଙ୍କ କରକମଳରେ ଶୁଭ ଉଦ୍ଘାଟିତ ହୋଇଯାଇଛି। ଚଳିତମାସ ୨୫ତାରିଖ ପର୍ଯ୍ୟନ୍ତ ନୀଳଗିରିର ବିଭିନ୍ନ ଗ୍ରାମପଞ୍ଚାୟତ ସ୍ତରରେ ମଧ ଆୟୋଜନ କରାଯିବାପାଇଁ ଧାର୍ଯ୍ୟ ହୋଇଛି। ଏତଦ୍ ଭିନ୍ନ ପର୍ଯ୍ୟାୟ କ୍ରମେ ପଞ୍ଚାୟତ ସମିତି ପରିସରରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡିକ ମଧରେ ଜନଜାତି କଲ୍ୟାଣ ଯୋଜନା, ଯୁବବର୍ଗ, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଯୋଜନା ସମ୍ପର୍କରେ କାର୍ଯ୍ୟକ୍ରମ ଆୟୋଜନ ସ୍ଥିର ହୋଇଛି।ଏଥିରେ ବରେଣ୍ୟ ଅତିଥିଗଣ ରାଜ୍ୟସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଅବିରତ ଉଦ୍ୟମ ଜାରି ରଖିଛନ୍ତି।ସରକାରଙ୍କ ସୁଶାସନରେ ତୃଣମୂଳ ସ୍ତରରୁ ଗ୍ରାମାଞ୍ଚଳର ପରିବର୍ତ୍ତନ ଏବଂ ବିକାଶ ହୋଇ ପାରିଛି।ଏବଂ ଆସନ୍ତା ୨୦୩୬ ମସିହାସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ଏବଂ ବିକଶିତ ରାଷ୍ଟ୍ରରେ ପରିଣତ କରିବା ସ୍ୱପ୍ନ କୁ ସାକାର କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମଗ୍ର ରାଜ୍ୟରେ 'ବିକାଶର ଧାରା - ଓଡ଼ିଶା ସାରା' କାର୍ଯ୍ୟକ୍ରମ ଆୟୋଜନ ପରିପ୍ରେକ୍ଷୀରେ ନୀଳଗିରି ପଞ୍ଚାୟତ ସମିତି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ କି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାର ବିକାଶ ଦୃତ ଗତିରେ ଆଗେଇ ଚାଲିଛି। ଗାଁର ବିକାଶ ହୋଇପାରିଲେ ସମୃଦ୍ଧ ରାଷ୍ଟ୍ରର ବିକାଶ ହୋଇପାରିବ ଏବଂସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସମସ୍ତଙ୍କ ଠାରେ ବିଭିନ୍ନ ଜନହିତକର ଯୋଜନାର ସୁଫଳ ପାଇ ପାରନ୍ତୁ,ଏହି ସରକାରଙ୍କ ଆଭିମୁଖ୍ୟ ବୋଲି କହିଥିଲେ। ତୃଣମୂଳସ୍ତରରୁ ଜଣେ ଦୁଃସ୍ଥ,ଗରିବ ହିତାଧକାରୀଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଆମ୍ଭମାନଙ୍କର ଉତ୍ତର ଦାୟିତ୍ୱ ।ସରକାରଙ୍କ ଦୁଇବର୍ଷ ପୂର୍ତ୍ତିରେ ବିଭିନ୍ନ ଜନକଲ୍ୟାଣ ଯୋଜନା ମାଧମରେ ବାର୍ଦ୍ଧକ୍ୟ ଭତ୍ତା, ଦିବ୍ୟାଙ୍ଗ ଭତ୍ତା, ଶ୍ରମିକ କାର୍ଡ, ବସୁନ୍ଧରା ଯୋଜନା, ଭୁମିହୀନଙ୍କୁ ଜମି ପଟ୍ଟା,ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା,ମାତୃ ବନ୍ଦନା ଯୋଜନା, ମୁଖ୍ୟମନ୍ତ୍ରୀ କିଶାନ ଯୋଜନା, ସ୍ୱୟଂ ସହାୟକ ଗୋଷ୍ଠୀ, ମୁଖ୍ୟମନ୍ତ୍ରୀ କନ୍ୟାବିବାହ ଯୋଜନା, କୃଷକଙ୍କୁ ଧାନର ସହାୟକମୂଲ୍ୟ ପ୍ରଦାନ କ୍ଷେତ୍ରରେ ସଫଳତା ଉପରେ ବିସ୍ତୃତ ଆଲୋକପାତ କରିଥିଲେ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସମେତ ବରେଣ୍ୟ ଅତିଥିଗଣ ନୀଳଗିରି ପଞ୍ଚାୟତସମିତି ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ଆସିଥିବା ହିତାଧିକାରୀଙ୍କୁ ଶ୍ରମ ବିଭାଗ ପକ୍ଷରୁ ଶ୍ରମିକ ମାନଙ୍କୁ ଜବ୍ କାର୍ଡ, ଖାଉଟି ଯୋଗାଣ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ, ବସୁନ୍ଧରା ଯୋଜନା ଭୁମି ହିନଙ୍କୁ ଜମି ପଟ୍ଟା ପ୍ରଦାନ, ଧୋବଶିଳା ବାବା ରାମେଶ୍ୱରୀ ସ୍ୱୟଂସହାୟକ ଗୋଷ୍ଠୀ କୁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ,ନୀଳଗିରି ଶାଖା ପରିଚାଳକ ମତ୍ସ୍ୟ ଚାଷ ପାଇଁ ୧୦(ଦଶ)ଲକ୍ଷ ଟଙ୍କା ର ଚେକ୍ ପ୍ରଦାନ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ନୀଳଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମପଞ୍ଚାୟତରୁ ଦୁଇଟି ପର୍ଯ୍ୟାୟରେ ୧୨ଯୋଡ଼ା କନ୍ୟା ବିବାହ ବନ୍ଧନରେ ଆବଦ୍ଧ ହୋଇ ବିବାହରେ ୧୫ ହଜାର ଏବଂ କନ୍ୟାର ବ୍ୟାଙ୍କ ଆକାଉଣ୍ଟ କୁ ୪୫ ହଜାର ପାଇଥିବା ବେଳେ ମାନ୍ୟବର ବିଧାୟକ ନିଜ ତରଫରୁ ୫(ପାଞ୍ଚ)ହଜାର ଉପହାର ପ୍ରଦାନ, ପଞ୍ଚାୟତ ସମିତି ଅଧିନସ୍ଥ ସମସ୍ତ ୩୮୯ ଗୋଟି ଅଙ୍ଗନବାଡ଼ି କର୍ମୀଙ୍କୁ ମୋବାଇଲ ଫୋନ ,ବିଦ୍ୟାଳୟ,ସରକାରୀ ନିଜସ୍ୱ ପଟ୍ଟା ପ୍ରଦାନ ସହ ପୌର ପରିଷଦ ଅଞ୍ଚଳରେ ଅଙ୍ଗନବାଡ଼ି କର୍ମୀଙ୍କୁ ମୋବାଇଲଫୋନ ବଣ୍ଟନ କରିଥିଲେ। ପରେ ପରେ ମୁଖ୍ୟଅତିଥି ସମେତ ଅନ୍ୟାନ୍ୟ ସମସ୍ତଅତିଥି ବିଭିନ୍ନ ବିଭାଗ ପକ୍ଷରୁ ଆୟୋଜିତ ଷ୍ଟଲ ପରିଦର୍ଶନ କରିଥିଲେ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ନୀଳଗିରି ପଞ୍ଚାୟତସମିତି ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରୁ ନିର୍ବାଚିତ ଲୋକପ୍ରତିନିଧି, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା, ବିଭିନ୍ନ ବିଭାଗୀୟ ଅଧିକାରୀ, ହିତାଧିକାରୀ ଏବଂ ଗଣ ମାଧ୍ୟମ ପ୍ରତିନିଧି ଯୋଗ ଦେଇ ଥିଲେ। ଏହି କାର୍ଯ୍ୟକ୍ରମ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମକେଶରୀ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଅବହାକତ୍ୱରେ ଅନୁଷ୍ଠିତ ହୋଇଥିଲା ବେଳେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀମତୀ ସୁନନ୍ଦା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବହିରେ ହୋଇଥିବା ...

ଅନ୍ୟପଟେ ବହି ମୁଦ୍ରଣ ସରି ଯାଇଥିବାରୁ ହାତ ଟେକି ଦେଇଛି ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ। ଏସବୁ ଭିତରେ ବହି ପ୍ରସ୍ତୁତିରେ ନିୟୋଜିତ ହୋଇଥିବା କୋର କମିଟିର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନ ଉଠିଛି। କୋର କମିଟିରେ ବଛାବଛା ୨୪ଜଣ ଶିକ୍ଷାବିତ୍ ସଦସ୍ୟ ରହିଥିଲେ ମଧ ତ୍ରୁଟିକୁ କେମିତି ଧରିପାରିଲେ ନାହିଁ ତାହା ଏବେ ସନ୍ଦେହ ଘେରରେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବଦଳିଥିବା ୫୪ଟି ପୁସ୍ତକରେ ୧୬୭୮ଟି ତ୍ରୁଟି ବାହାରିଛି। ସେହି ତ୍ରୁଟିର ସଂଶୋଧନ କରି ପଢ଼ାଇବା ପାଇଁ ଶିକ୍ଷକମାନଙ୍କୁ ଦିଆଯାଇଛି ନିର୍ଦ୍ଦେଶ ।

### ଚିଠି ଲେଖି ଫସିଗଲେ...

କମ ବରଂ ବ୍ୟକ୍ତିଗତ କାମରେ ନିୟୋଜିତ କରୁଥିଲେ ଦୟାଲ। ଏପରିକି ଜିମ, ଟଙ୍କା ଆଉ ତାପରେ ଝଗଡ଼ାକୁ ନେଇ ତୁମ୍ବି ତୋଫାନ ହୋଇଥିଲା। ସୌମ୍ୟ ହତ୍ୟାକାଣ୍ଡ ପରେ, ଦୟାଲଙ୍କ ଘରେ ଥିବା ବାକି ୭ ଜଣକୁ ତରବରିଆ ଭାବେ, ରେଳ ବିଭାଗକୁ ଫେରାଇ ଦେଇଛନ୍ତି ଦୟାଲ। ଦ୍ୱେ ଜଣେ ଆଇପିଏସ ଅଧିକାରୀ ଯାହା କରିଛନ୍ତି ଏହା ନିୟମ ବାହାରେ ବୋଲି କହିଛନ୍ତି ପୂର୍ବତନ ପୁଲିସ ଅଧିକାରୀ ଓ ମାନବଧିକାର କର୍ମୀ। ଏଠାରେ ପ୍ରଶ୍ନ, ଯଦି ସୋମ୍ୟ ହତ୍ୟାକାଣ୍ଡ ହୋଇ ନଥାନ୍ତା ହୁଏତ ଆଇପିଏସ ଅଫିସରଙ୍କ ନିର୍ଯାତନା ଘଟଣା ସାମ୍ନାକୁ ଆସି ନଥାନ୍ତା। କେବଳ ଦୟାଲ ଗଙ୍ଗୱାର ନା ତାଙ୍କ ଭଳି ଆଉ କେଉଁକେଉଁ ବରିଷ୍ଠ ପୁଲିସ ଅଧିକାରୀମାନେ ଘରେ ସରକାରୀ ଚାକିରିଆଙ୍କୁ ବ୍ୟକ୍ତିଗତ କାମରେ ନିୟୋଜିତ କରିଛନ୍ତି, ତାର ବି ତଦନ୍ତ ହେବାର ଆବଶ୍ୟକତା ରହିଛି ।

### ରାଜ୍ୟରେ ୫ ...

ତେଣୁ ଆସନ୍ତା ୨୪ ଘଣ୍ଟା ପାଇଁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନ ଯିବାକୁ ବାରଣ କରାଯାଇଛିବ। ଆଜି ବିଶେଷକରି ଉପକୂଳ ଓଡ଼ିଶାରେ ବିଜୁଳି ଘଡଘଡି ସହ ବର୍ଷା ପାଇଁ ଚେତାବନୀ ରହିଥିବା ବେଳେ ଆଗାମୀ ୩ ଘଣ୍ଟା ପାଇଁ ଉତ୍ତର ଓ ଉପକୂଳ ଓଡିଶାର ୧୪ ଜଜିଲ୍ଲାରେ ୪୦ ରୁ ୫୦ କିମି ପବନ ସହ ବର୍ଷା ଓ ବଜ୍ରପାତ ପାଇଁ ଚେତାବନୀ ଦେଇଛି ବିଭାଗ । ଆସନ୍ତା ୨ ଦିନ ବର୍ଷା ପ୍ରଭାବରେ ୨ରୁ ୩ ଡିଗ୍ରୀ ତାପମାତ୍ରା ହ୍ରାସ ହେବାର ସମ୍ଭାବନା ଦେଇଛି ବିଭାଗ । ଅନ୍ୟପଟେ ଖରା ଗରମ ଓ ଗୁଳୁଗୁଳିରେ ସାରା ସାରା ରାଜ୍ୟ ସନ୍ତୁଳି ହେଉଥିବା ବେଳେ ଆହୁରି ୩ ଦିନ ଗୁଗୁଳୁଗୁଳିରେ ଘାଣ୍ଟିହେବ ଉପକୂଳ।

### ଜନ୍ମମାଟିରେ ମହାମହିମ...

ଏହି ଗସ୍ତର ଦ୍ୱିତୀୟ ଦିନ ଅର୍ଥାତ୍ ଆସନ୍ତାକାଲି (୨୦ ଜୁନ) ଓଡ଼ିଶା ଇତିହାସରେ ଏକ ସ୍ମରଣୀୟ ଦିନ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ମୟୂରଭଞ୍ଜ ଗସ୍ତରେ ଆସି ରାଷ୍ଟ୍ରପତିଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବେ। ଓଡ଼ିଶାରେ ବିଜେପି ସରକାରର ଦୁଇ ବର୍ଷ ପୂର୍ତ୍ତି ଅବସରରେ ରାଇରଙ୍ଗପୁରର ଦଣ୍ଡବୋଷ ପଡ଼ିଆଠାରେ ଆୟୋଜିତ 'ବିକାଶ ର ଧାରା, ଓଡ଼ିଶା ସାରା' ମେଗା ସମାବେଶରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଯୋଗଦେବେ। ଏହି ସମୟରେ ପ୍ରଧାନମନ୍ତ୍ରୀ ଓଡ଼ିଶା ପାଇଁ ୪୭,୬୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। ଏଥିରେ ଶକ୍ତି, ରେଳବାଇ, ସଡ଼କ ସଂଯୋଗୀକରଣ, ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରର ବଡ଼ ବଡ଼ ପ୍ରକଳ୍ପ ସାମିଲ ରହିଛି।

### ଟେଲିଗ୍ରାମ ଉପରେ ପ୍ରତିବନ୍ଧ...

କିଛି ୟୁଜର୍ସ ପରୀକ୍ଷା ଦେଉଛନ୍ତି ବୋଲି ମେସେଜିଂ ଆପ୍‌ର ୧୫ କୋଟି ବ୍ୟବହାରକାରୀଙ୍କ ଅଧିକାରକୁ କିପରି ସୀମିତ କରାଯାଇପାରିବ। ନିଟ୍ ପରୀକ୍ଷା ପୂର୍ବରୁ ଟେଲିଗ୍ରାମ ଆପ୍‌ର ଅପବ୍ୟବହାର ଆଶଙ୍କା କରି କେନ୍ଦ୍ର ସରକାର ଏହି ଆପ୍ ବ୍ୟବହାର ଉପରେ କିଛି ଦିନ ବ୍ୟାନ୍ ଲଗାଇ ଦେଇଥିଲେ। ଟେଲିଗ୍ରାମ୍ ପକ୍ଷରୁ ଏହାକୁ କୋର୍ଟରେ ଚାଲେଞ୍ଜ କରାଯାଇଥିଲା। କୋର୍ଟ ଗୁରୁବାର ଶୁଣାଣି ପରେ ରାୟ ସୁରକ୍ଷିତ ରଖିଥିଲେ।

# ଖାଦ୍ୟ ଓ ସାମାଜିକ ସୁରକ୍ଷାରୁ ବଂଚିତ ହୋଇ ପାଠପଢ଼ାରେ ଡ଼ୋରି ବାନ୍ଧିଲେ ଆଦିବାସୀ ଭିନ୍ନକ୍ଷମ ଛାତ୍ର



ଉଦଳା, ୧୯/୬ (ନି.ପ୍ର): ଜଣେ ଆଦିବାସୀ ଭିନ୍ନକ୍ଷମ ଛାତ୍ରଙ୍କ ଉପରେ ସମସ୍ତେ ଦାଉ ସାଜିବା ଘଟଣା ବର୍ତମାନ କପ୍ତିପଦା ଉପଖଣ୍ଡରେ ବହୁଳ ଭାବରେ ଚର୍ଚ୍ଚାର ପରିସରକୁ ଆସୁଛି । ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ବୋଲି ବହୁଲୋକ ମତ ଦେଇଛନ୍ତି । କପ୍ତିପଦା ବ୍ଲକର ପଦ୍ମପୋଖରି ପଂଚାୟତ ଅନ୍ତର୍ଗତ ବ୍ରାହ୍ମଣିପାଳ ଗ୍ରାମର ଦୃଶ୍ୟ ଅଟେ । ଏହି ଗ୍ରାମର ବାସିନ୍ଦା ସୁରେନ୍ଦ୍ର ହୋଙ୍କର ପୁତ୍ର ମାଝି ହୋ ଜଣେ ଭିନ୍ନକ୍ଷମ ଛାତ୍ର ଅଟନ୍ତି । ମାଝି ହୋଙ୍କୁ ବର୍ତମାନ ବୟସ ୧୬ ବର୍ଷ ଛୁଇଁଥିବା ବେଳେ ସେ ଜନ୍ମରୁ ମୁକ ଓ ବଧିର ଅଟନ୍ତି । ଘୋର ଅଭାବ ଅନାଟନ ଭିତରେ ପରିବାର ଚଳାଉଥିବା ସୁରେନ୍ଦ୍ର ଏହିଭଳି ଏକ ଭିନ୍ନକ୍ଷମ ପୁତ୍ରକୁ ପାଇ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ଏପରିକି ସାମାଜିକ ସୁରକ୍ଷା ଯୋଜନାରେ ସରକାର ପ୍ରଦାନ କରୁଥିବା ଭତା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ପାଇବାରୁ ମାଝି ହୋ ବଂଚିତ ଅଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି କର୍ଣ୍ଣପାତ କରୁନଥିବାର କଥା ସୁରେନ୍ଦ୍ର ଅଭିଯୋଗ କରିଛନ୍ତି । ଏପରିକି ଅଭାବ ଅନାଟନ ଭିତରେ ଭିନ୍ନକ୍ଷମ ପୁତ୍ର ମାଝି ହୋଙ୍କୁ ପାଠ ପଢ଼ାଇବା ତାଙ୍କ ପକ୍ଷେ ସମ୍ଭବ ହୋଇ ପାରିଲା ନାହିଁ । ତେଣୁ ବାଧ ହୋଇ ଆଜକୁ ୪ ବର୍ଷ ତଳେ ସେ ପାଠପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର କଥା ଜଣାଇଛନ୍ତି । ତେବେ ବିଦ୍ୟାଳୟ ଖାତାରେ ତାଙ୍କର ନାମ ଗଡ଼ିଚାଲିଛି କି କଟି ଯାଇଛି ତାହା ତାଙ୍କୁ ଜଣାନଥିବାର କହିଛନ୍ତି । ଆଦିବାସୀ ଭାଇ ଭଉଣୀ ମାନଙ୍କର ସବୁ ପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳା ଠାରେ ରହିଛି । ଅଥଚ ଆଦିବାସୀ ଭିନ୍ନକ୍ଷମ ଛାତ୍ର ମାଝି ହୋ ଏତେ ପ୍ରକାର ଦୁଃଖ ଯନ୍ତ୍ରଣା ଭିତରେ ଦିନ ବିତାଇବାକୁ ବାଧ ହେଉଥିବା ବେଳେ ଉକ୍ତ ପ୍ରକଳ୍ପ କୌଣସି ସହଯୋଗ ନକରି କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ବିଭାଗୀୟ କର୍ତୃପକ୍ଷ ତୁରନ୍ତ ଉକ୍ତ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ବହୁ ସ୍ୱେଚ୍ଛାସେବି ସଂଗଠନ ଦାବି ଜଣାଇଛନ୍ତି ।

## ଯୁବ କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀଙ୍କ ଜନ୍ମ ଦିନ ପାଳିତ

ଭୁବନେଶ୍ୱର, ୧୯/୬ (ନି.ପ୍ର): ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଲୋକସଭାର ବିରୋଧି ଦଳର ନେତା ରାହୁଲ ଗାନ୍ଧୀଙ୍କ ଜନ୍ମ ଦିବସ ଭୁବନେଶ୍ୱରସ୍ଥିତ ଏକ ଅନାଥ ଆଶ୍ରମ ଠାରେ ପାଳନ କରାଯାଇଥିଲା। ଏହି ଅବସରରେ ଶ୍ରୀ ପାତ୍ର ତାଙ୍କ ମନ୍ତବ୍ୟରେ କହିଛନ୍ତି ଯେ ରାହୁଲ ଗାନ୍ଧୀ ହେଉଛନ୍ତି ଜନମାନସର ନେତା। ସେ ହେଉଛନ୍ତି ଗରୀବ, ଖଟିଖିଆ, କୃଷକ, ବେକାର ଯୁବକ ଯୁବତୀମାନଙ୍କର ସିପାହୀ। ତାଙ୍କ ଜନ୍ମ ଦିନକୁ ଆମେ ଅନାଥ ଆଶ୍ରମରେ ପାଳନ କରି ତାଙ୍କ ପ୍ରତି ଓଡ଼ିଶାର ଯୁବକ ଯୁବତୀମାନଙ୍କର ଭଲ ପାଇବା ଏବଂ ସମ୍ମାନ ଜଣାଉଛୁ।

# ବିଦ୍ୟାଳୟ ସୁରକ୍ଷା ଓ ନିରାପତ୍ତା ସପ୍ତାହ ପାଳନ ଏବଂ ପୋଷାକ ବଣ୍ଟନ




ବୈଶିଙ୍ଗା , ୧୯/୬ (ନି.ପ୍ର): ଆଜି ରାଇକମା ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରଜତ କୁମାର ଦାଶଙ୍କ ଅଧକ୍ଷତାରେ ' ବିଦ୍ୟାଳୟ ସୁରକ୍ଷା ଓ ନିରାପତ୍ତା ସପ୍ତାହ ପାଳନ' କାର୍ଯ୍ୟକ୍ରମ ସହିତ ଚଳିତ ଶିକ୍ଷା ବର୍ଷର ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରଘୁନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନା, ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଖଡ଼ିକାପଦା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀ ମାନସ କୁମାର ପରିଡ଼ା, ସମ୍ମାନିତ ଅତିଥିଭାବେ କମିଟି ସଦସ୍ୟ ଭବାନୀଶଙ୍କର ମହାନ୍ତ ତଥା ମଙ୍ଗଳ ମହାନ୍ତ ଉପସ୍ଥିତ ହୋଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷଣ ଦିଗରେ ଉତ୍ସାହିତ କରିବା ସହିତ ବିଦ୍ୟାଳୟରେ କିପରି ସୁରକ୍ଷିତ ରହିବେ,ସେ ସମ୍ବନ୍ଧରେ ବ୍ୟାପକ ଆଲୋଚନା କରିଥିଲେ । ମୁଖ୍ୟଅତିଥି ଛାତ୍ରଛାତ୍ରୀମାନଙ୍କର କେଉଁ କାର୍ଯ୍ୟ କାରଣୀୟ ଏବଂ କେଉଁ କାର୍ଯ୍ୟ କରଣୀୟ ନୁହଁ,ସେ ସମ୍ପର୍କରେ ପିଲାମାନଙ୍କୁ ସରଳ ଭାଷାରେ ବୁଝାଇଥିଲେ। ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଚଳିତ ଶିକ୍ଷାବର୍ଷର ୨ ହଳ ପୋଷାକ, ହାଉସ ଡ୍ରେସ ଆଦି ବଣ୍ଟନ କରାଯାଇଥିଲା। ଇତ୍ୟବସରରେ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ଉଓଖଝର ଅନୁଦାନ ରାଶିକୁ ସୁବିନିଯୋଗ କରାଯାଇ ଶ୍ରେଣୀ କକ୍ଷରେ ସ୍ମାର୍ଟ ବୋର୍ଡ଼ ମୁଖ୍ୟଅତିଥିଙ୍କ କରକମଳରେ ଉଦ୍ଘାଟିତ ହୋଇଥିଲା । ଏହି ବୋର୍ଡ଼ ସହ ଙ୍ଗସଲସ ସଂଯୋଗ କରାଯାଇ ଛାତ୍ରଛାତ୍ରୀଙ୍କର ଶିକ୍ଷଣ କାର୍ଯ୍ୟକ୍ରମକୁ ଅଧିକ ଉନ୍ନତ କରାଯାଇପାରିବ ବୋଲି ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମର ସୁପରିଚାଳନା ଦିଗରେ ଶିକ୍ଷିକା ପ୍ରତିମା ପରିଡା, ସୁବାସିନୀ ପରିଡା, ସୁକାନ୍ତି ବିଶ୍ୱାଳ, ନୀଳାକ୍ଷି ଦାସ, ମାଳତୀ ମାଝୀ,ମଣ୍ଟୁ ମାର୍ଣ୍ଡି, ସୀତା ଟୁଡୁ ତଥା ଜୁଲି ହେମ୍ବ୍ରମ୍ ପ୍ରମୁଖ ସହଯୋଗ କରିଥିଲେ ।

# ଓଡିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଜଳେଶ୍ୱର ପଞ୍ଚାୟତ ସମିତି ସ୍ତରୀୟ ବିକାଶର ଧାରା ଓଡିଶା ସାରା ସମ୍ମିଳନୀ ଅନୁଷ୍ଠିତ




ଜଳେଶ୍ୱର, ୧୯/୬ (ନି.ପ୍ର): ପଞ୍ଚାୟତ ରେ ସୁଶାସନ ଗ୍ରାମାଞ୍ଚଳରେ ପରିବର୍ତ୍ତନ ନାରା ଦେଇ ଓଡିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଜଳେଶ୍ୱର ପଞ୍ଚାୟତ ସମିତି ସ୍ତରୀୟ ବିକାଶର ଧାରା ଓଡିଶା ସାରା ସମ୍ମିଳନୀ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳ କାର୍ଯ୍ୟକାଳ ପୂର୍ତ୍ତି ଉପଲକ୍ଷେ ସରକାର ଓ ଜନସାଧାରଣଙ୍କ ମଧରେ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ପାଇଁ ଏହା ଏକ ବଡ଼ ପଦକ୍ଷେପ ନିଆଯାଇଛି।ଏହି କାର୍ଯ୍ୟକ୍ରମ ମାଧମରେ ସରକାରୀ ସେବା ସିଧାସଳଖ ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ ପହଞ୍ଚିବ। ଏହି 'ଜନ କଲ୍ୟାଣ ଶିବିର' ଗୁଡ଼ିକ ଲୋକଙ୍କ ପାଇଁ ଏକ ବ୍ୟାପକ ସେବା ପ୍ରଦାନକାରୀ ମାଧ୍ୟମ ବା ସିଙ୍ଗଲ୍-ୱିଣ୍ଡୋ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବ। ଏଠାରେ ନାଗରିକମାନଙ୍କ ଅଧିକାର ଓ ବିଭିନ୍ନ କଲ୍ୟାଣକାରୀ ଯୋଜନା ବିଷୟରେ ସୂଚନା ମିଳିପାରିବ।କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରମୁଖ କଲ୍ୟାଣକାରୀ ଯୋଜନା ଏବଂ ବିକାଶମୂଳକ ଆଭିମୁଖ୍ୟ ବିଷୟରେ ନାଗରିକମାନଙ୍କ ସହ ସିଧାସଳଖ ଯୋଗାଯୋଗ କରି ସଚେତନତା ସୃଷ୍ଟି କରାଯିବ ।ଯୋଗ୍ୟ ହିତାଧିକାରୀମାନଙ୍କୁ ସରକାରୀ ସେବା ଏବଂ ସୁବିଧା ସହଜରେ ପହଞ୍ଚାଇବାରେ ଏହି ଶିବିର ସହାୟତା କରିବ। ବିଭିନ୍ନ ଯୋଜନାରେ ନୂତନ ହିତାଧିକାରୀଙ୍କ ନାମପଞ୍ଜୀକରଣ, ଯାଞ୍ଚ ଏବଂ ତଥ୍ୟର ସଂଶୋଧନ କିମ୍ବା ଅପଡେଟ୍ ପ୍ରକ୍ରିୟାକୁ ସହଜ କରାଯିବ। ଜନସାଧାରଣଙ୍କ ଠାରୁ ସିଧାସଳଖ ଅଭିଯୋଗ ଓ ମତାମତ ସଂଗ୍ରହ କରାଯାଇ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ସେଗୁଡ଼ିକର ତୁରନ୍ତ ସମାଧାନ ପାଇଁ ବ୍ୟବସ୍ଥା କରାଯିବ। ସରକାରୀ ଯୋଜନାଗୁଡ଼ିକରେ କୌଣସି ବି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନପଡ଼ନ୍ତି ଏବଂ ସମସ୍ତଙ୍କୁ ସାମିଲ କରି କିଭଳି ଶତପ୍ରତିଶତ ସଫଳତା ହାସଲ କରାଯାଇପାରିବ,ତାହା ଏହି ଶିବିରର ମୁଖ୍ୟ ଲକ୍ଷ୍ୟ। ରାଜ୍ୟର ସମସ୍ତ ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ଅଭିଯାନ ଦ୍ୱାରା ଗ୍ରାମାଞ୍ଚଳର ବହୁ ଗରିବ ଓ ମଧ୍ୟବିତ୍ତ ପରିବାର ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି। ଗ୍ରାମପଞ୍ଚାୟତ ସ୍ତରରେ ଏହି ଶିବିରର ଆୟୋଜନ ସମୟରେ ଲୋକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଁ ବିଭିନ୍ନ ସାଂସ୍କୃତିକ କିମ୍ବା ସୂଚନାଭିତ୍ତିକ କାର୍ଯ୍ୟକ୍ରମ ମଧ କରାଯାଇପାରେ। ବିଶେଷ କରି ସେବା ପାଇବାରୁ ବଞ୍ଚିତ ଥିବା ଲୋକଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ବୋଲି ସାଂସଦ ପ୍ରତିନିଧି ବ୍ରଜ ମୋହନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ଅମ୍ଳାନ ଯୋଜନା, ଆୟୁଷ୍ମାନ କାର୍ଡ, ରକ୍ତ ହୀନତା, କାମଧେନୁ ଯୋଜନା, ମୁଖ୍ୟମନ୍ତ୍ରୀ ପ୍ରାଣୀ ସମ୍ପଦ ଯୋଜନା, ପ୍ରାଣୀ ସମ୍ପଦ ବୀମା ଯୋଜନା, ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା, ଗ୍ରୀନ ଏନାର୍ଜି, ପ୍ରଧାନ ମନ୍ତ୍ରୀ ଆଇ ଆଦର୍ଶ ଯୋଜନା ପ୍ରମୁଖ ବିଭିନ୍ନ ଯୋଜନା ସମ୍ପର୍କରେ ମେଡିକାଲ ଅଫିସର ଭୀଷ୍ମ ପରିଡ଼ା, ଭେଟନାରୀ ଅଫିସର ଶିଶିର କୁମାର ଲେଙ୍କା, ବ୍ଲକ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସନ୍ଧ୍ୟାରାଣୀ ପାତ୍ର, ଇଲେକ୍ଟ୍ରି ଏସ ଡି ଓ ବିଦ୍ୟାଧର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏ ବିଡ଼ିଓ ସୁଧୀର କୁମାର ସାହୁ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।ଏହି କାର୍ଯ୍ୟ କ୍ରମରେ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବେଲାଣପୁର ବନ୍ୟା ଆଶ୍ରୟସ୍ଥଳିର ପ୍ରାକୃତିକ ବିପର୍ଯ୍ୟୟ ସମ୍ବନ୍ଧିତ ସାମୁହିକ ଅଭ୍ୟାସ କାର୍ଯ୍ୟକ୍ରମ



ବୈଶିଙ୍ଗା , ୧୯/୬ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ପାଟୋଳିପୁରା ଗ୍ରାମ ପଞ୍ଚାୟତ ଅଧିନସ୍ଥ ବେଲାଣପୁର ବନ୍ୟା ଆଶ୍ରୟସ୍ଥଳୀରେ ଫୋର୍ଡ , ଜିଲ୍ଲା ପ୍ରଶାସନ , ଓ ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟି ମିଳିତ ଆନୁକୂଲ୍ୟରେ ସାମୁହିକ ଅଭ୍ୟାସ ( ମକ ଡ୍ରିଲ) ଅନୁଷ୍ଠିତ ହୋଇଥିଲା । ଫୋର୍ଡର ସମ୍ପାଦକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମମତା ନାୟକ ସରପଞ୍ଚ ପାଟୋଳିପୁରା ଗ୍ରା:ପ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି - ତାପସ କୁମାର ମହାନ୍ତ , ଜିଲ୍ଲା ଜରୁରୀ କାଳୀନ ଅଧିକାରୀ, ବରେଣ୍ୟ ଅତିଥି - ସୁତନୁ କୁମାର ଠାକୁର , ଓସଡମା ରାଜ୍ୟ ପ୍ରକଳ୍ପ ଅଧିକାରୀ ,ସମ୍ମାନୀୟ ଅତିଥି - ସନ୍ତୋଷ ଦୁର୍ଗା ଅବସର ପ୍ରାପ୍ତ ଜେଲ ଅଧୀକ୍ଷକ , ଅଗ୍ନିଶମ ବିଭାଗର ଅଧିକାରୀ ସତ୍ୟବାଦୀ ପଲେଇ ବେତନଟୀ , ଏନ.ଡି.ଆର.ଏଫ ଅଧିକାରୀ - ବିନାୟକ କୁମାର , ଧନଞ୍ଜୟ କୁମାର ଓ ତାଙ୍କର ସହଯୋଗୀ ମାନେ ଯୋଗ ଦେଇଥିଲେ । ବିଭିନ୍ନ ପ୍ରକାର ବିପର୍ଯ୍ୟୟରୁ କିଭଳି ରକ୍ଷା ପାଇବା ଓ ନିଜେ ନିଜକୁ ରକ୍ଷା କରି ଅନ୍ୟ ମାନଙ୍କୁ ସାହାଯ୍ୟ କରିବା ସେ ବିଷୟରେ ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶିତ କରାଇଥିଲେ। ଏନ.ଡି.ଆର.ଏଫ ଦ୍ୱାରା ବିପର୍ଯ୍ୟୟ ବିଷୟରେ ଯନ୍ତ୍ରପାତି ପ୍ରଦର୍ଶିତ କରି ସମସ୍ତଙ୍କୁ ଦେଖାଇ ଥିଲେ । ଏ ବର୍ଷ ଡକ୍ଟର ରମାକାନ୍ତ ମହାନ୍ତଙ୍କୁ ' ପରିବେଶ ସୁରକ୍ଷା ' ସମ୍ମାନରେ ମାନପତ୍ର ଉପଢୌକନ ଓ ଗୋଟିଏ ଫଳ ଗଛ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ରାଜ ପ୍ରତିନିଧି , ସରକାରଙ୍କର ବିଭିନ୍ନ ବିଭାଗର ଅଧିକାରୀ, ଅଙ୍ଗନୱାଡି ଓ ଆଶା କର୍ମୀ , ସୟଂ ସହାୟକ ଗୋଷ୍ଠୀ , ଯୁବ ଗୋଷ୍ଠୀ, ଛାତ୍ର ଛାତ୍ରୀ ଓ ଜନସାଧାରଣ ଉପସ୍ଥିତ ହୋଇଥିଲେ । ଏଭଳି କାର୍ଯ୍ୟକ୍ରମ ବର୍ଷକୁ ୩ ରୁ ୪ ଥର କରିବା ପାଇଁ ଜନସାଧାରଣ ସରକାରଙ୍କୁ ଅନୁରୋଧ କରିଥିଲେ । ଆଗାମୀ ବନ୍ୟା ବାତ୍ୟା ପାଇଁ କିଭଳି ପଦକ୍ଷେପ ନିଆଯାଇପାରିବ ପରବର୍ତ୍ତୀ ସମୟରେ ଏକ ଯୋଜନା କରାଯିବା ପାଇଁ ସ୍ଥିର କରାଗଲା । ସର୍ବଶେଷ ରେ ତିଳକେଶ୍ୱର ଦୁର୍ଗା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ବିଶ୍ୱ ରକ୍ତ ଶିକୁଳି ଦିବସ ପାଳିତ

ବାଲେଶ୍ୱର, ୧୯/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ଜିଲ୍ଲା ତାଲିମ କେନ୍ଦ୍ର ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ବିଶ୍ୱ ରକ୍ତ ଶିକୁଳି ଦିବସ ପାଳିତ ହୋଇଯାଇଛି । ଏନେଇ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ଚଳିତ ବର୍ଷର ବିଶ୍ୱ ରକ୍ତ ଶିକୁଳି ଦିବସର ବିଷବସ୍ତୁ - **"Closing the Survival Gap: Equity in Sickle Cell Disease."** ଉକ୍ତ ସଭା ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲୀପ କୁମାର ଜେନା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଠାରେ ରୁପ୍ସା, ବାହାନଗା ଓ ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଆସିଥିବା ଆଶା କର୍ମୀ ମାନେ ଉପସ୍ଥିତ ଥିଲେ। ସଭାପତି ଶ୍ରୀଯୁକ୍ତ ଜେନା ତାଙ୍କର ଅଭିଭାଷଣରେ କହିଥିଲେ ଯେ, ସମସ୍ତ ୪୦ ବର୍ଷରୁ କମ ପୁରୁଷ ଏବଂ ସ୍ତ୍ରୀ ଲୋକଙ୍କର ରକ୍ତ ଶିକୁଳି ରୋଗ ର ଚିହ୍ନଟି କରଣ ନିମନ୍ତେ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ୱା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତ ପରୀକ୍ଷା କରାଇବା ପାଇଁ ମତ ପୋଷଣ କରିଥିଲେ। ଡାକ୍ତର ଅମୂଲ୍ୟ କୁମାର ଦାସ ରକ୍ତ ଶିକୁଳି ରୋଗ କିପରି ଗୋଟାଏ ପରିବାରର ମାନସିକ, ସାମାଜିକ ଏବଂ ଆର୍ଥିକ ମାନଦାଣ୍ଡ କୁ ଦୋହଲାଇ ଦେଇଥାଏ ତା ଉପରେ ଉଦବେଗ ପ୍ରକାଶ କରିଥିଲେ। ମଞ୍ଚାସୀନ ଡାକ୍ତର ମନୋଜ ସାହୁ, ଡାକ୍ତର ସଂଜୀବ ପ୍ରଧାନ, ଡାକ୍ତର ମୃତ୍ୟୁଞ୍ଜୟ ଉପାଧ୍ୟାୟ ଏହି ରୋଗର ଭୟା ବହତା ଉପରେ ଆଲୋକପାତ କରିଥିଲେ। ପରେ ଏକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ କୃତି ପ୍ରତିଯୋଗୀ ଏବଂ ଚଳିତ ବର୍ଷରେ ସର୍ବାଧିକ ରକ୍ତ ଶିକୁଳି ରୋଗ ନିମନ୍ତେ ପରୀକ୍ଷା କରିଥିବା ଲାବୋରେଟ୍ରୀ ଟେକନିସିଆନ ତିନି ଜଣଙ୍କୁ ପୁରସ୍କୃତ କରାଯାଇଥିଲା କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ସାହୁ (ଜିଲ୍ଲା ସହକାରୀ ଯୋଗାଯୋଗ ଅଧିକାରୀ) ଙ୍କ ପରିଚାଳନାରେ ହୋଇଥିଲା ଓ ଶେଷରେ ଶ୍ରୀଯୁକ୍ତ ଚକ୍ରଧର ଜେନା (ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ) ଧନ୍ୟବାଦ ଅର୍ପଣ କରିଥିଲେ।

ଶନିବାର, ଜୁନ୍ ୨୦, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ରାହୁଲ ଗାନ୍ଧୀଙ୍କ ଜନ୍ମ ଦିନରେ ରୋଗୀମାନଙ୍କୁ ଫଳ ବଣ୍ଟନ କାର୍ଯ୍ୟକ୍ରମ

ବାସୁଦେବପୁର, ୧୯/୬ (ନି.ପ୍ର): ଭାରତ ବର୍ଷର ମହାନ ଜନ ନାୟକ ରାହୁଲ ଗାନ୍ଧୀଙ୍କ ଜନ୍ମ ଦିନ ଅବସରରେ ବାସୁଦେବପୁର ବ୍ଲକ କଂଗେସ ଓ ନଗର କଂଗ୍ରେସ ପକ୍ଷରୁ ବାସୁଦେବପୁର ମେଡିକାଲ ରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ରୋଗୀ ମାନଙ୍କୁ ଫଳ ବଣ୍ଟନ କରିଥିଲେ। ଏହା ବ୍ୟତୀତ ବାସୁଦେବପୁର କୃଷି ବିଭାଗ କାର୍ଯ୍ୟାଳୟ ପରିସରରେ କଂଗେସ ଦଳ ପକ୍ଷରୁ ଏକ ବୃକ୍ଷ ରୋପଣ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ଙ୍କ ପ୍ରତିନିଧି କବି ଅଚ୍ୟୁତାନନ୍ଦ ପାଢ଼ୀ, ବରିଷ୍ଠ କଂଗ୍ରେସ ନେତା ବିଜୟ କୁମାର ମହାନ୍ତି, ବିନୋବା ନଗର ସରପଞ୍ଚ ଆଦିତ୍ୟ ଗିରି, ବସନ୍ତ କୁମାର ଭଞ୍ଜ, ତୁହିଦ ଖାଁ, ହିରନ୍ୟ ପଲେଇ, ଶିକ୍ଷାବିତ ଭାଗୀରଥି ପଲାଇ, ନଗର କଂଗ୍ରେସ ସଭାପତି ସିଦ୍ଧାନ୍ତ ଦାସ, ସମ୍ପାଦକ ସୁଶାନ୍ତ କୁମାର ମହାକୁଡ଼, କ୍ଷେତ୍ର ମୋହନ ମହାକୁଡ଼, ହରି ଶଙ୍କର ପଟ୍ଟନାୟକ, ଚନ୍ଦନ ନାୟକ, ମାନସ ନାୟକ, ସର୍ବେଶ୍ୱର ଜେନା, ପ୍ରଶାନ୍ତ ଦଳେଇ, ନାରୀ ନେତ୍ରୀ ମଞ୍ଜୁଲତା ପଣ୍ଡା, ସୁଦର୍ଶନ ମହାକୁଡ଼, ଚିତ୍ତ ରଞ୍ଜନ ମହାକୁଡ଼, ଦୁର୍ଯ୍ୟୋଧନ ଜେନା,ସୂର୍ଯ୍ୟକାନ୍ତ ମଲ୍ଲିକ,ଭଗ୍ୟଧର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତେ ଭାରତର ଖୁବ୍ ଲୋକପ୍ରିୟ ଜନ ନାୟକ ରାହୁଲ ଗାନ୍ଧୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ମାନବ ସେବା ହିଁ ମାଧବ ସେବା । ବର୍ତ୍ତମାନ ଦେଶର ଘଡି ସନ୍ଧି ମୁହୂର୍ତ୍ତରେ ସମାଜର ଲୋକ ମାନଙ୍କ ସେବା କରିବା ସହିତ ବୃକ୍ଷ ରୋପଣ କରି ପରିବେଶ ସୁରକ୍ଷା କରିବା ଆବଶ୍ୟକ ବୋଲି ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମତ ପ୍ରକାଶ କରିଥିଲେ।

# ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ଅନୁଷ୍ଠିତ




ବାଲେଶ୍ୱର, ୧୯/୬ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ଗ୍ରାମ ପଂଚାୟତର ବଡ଼କିଆ ଗ୍ରାମ ଠାରେ ବାତ୍ୟା ଆଶ୍ରୟସ୍ଥଳୀରେ ଜିଲ୍ଲାସ୍ତରୀୟ, ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ଏଥି ସହିତ ଜିଲ୍ଲାର ସମସ୍ତ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀରେ ମଧ ମକଡ୍ରିଲ ଅନୁଷ୍ଠିତ ହୋଇଛି । ବଡ଼କିଆ ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ମକଡ୍ରିଲକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ହେମନ୍ତ କୁମାର ସିଂ ଉଦଘାଟନ କରିଥିଲେ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିପରି ବିଭିନ୍ନ ଉପାୟରେ ଉଦ୍ଧାର କରାଯାଇପାରିବ ଏବଂ ଧନଜୀବନ କ୍ଷୟକ୍ଷତିକୁ ରୋକି ହେବ ସେଥିପ୍ରତି ଦୃଷ୍ଟି ଦେବା ଉପରେ ଅତିରିକ୍ତ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଜନସାଧାରଣଙ୍କୁ ଏ ଦିଗରେ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ସାରା ରାଜ୍ୟରେ ମକଡ୍ରିଲ ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକ ତଥା ୧୪୪ ଟି ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀରେ ଏହି ମକଡ୍ରିଲ ଅନୁଷ୍ଠିତ ହୋଇଥିବା ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ କୁହାଯାଇଛି । ବଡ଼କିଆ ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ମକଡ୍ରିଲରେ ଏନ.ଡି.ଆର.ଏଫ., ଓ.ଡ୍ରା.ଫ ବାହିନୀ, ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତାମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିଭଳି ଉଦ୍ଧାର କରାଯାଇଥାଏ, ସେ ସମ୍ପର୍କିତ କୌଶଳ ପ୍ରଦର୍ଶିତ ହୋଇଥିଲା । ଏନ.ଡି.ଆର.ଏଫ.ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେଉଥିବା ବିଭିନ୍ନ ଉପକରଣ ପ୍ରଦର୍ଶନ କରିଥିଲେ ଏବଂ ସେ ଗୁଡିକର କାର୍ଯ୍ୟକ୍ଷମତା ବାବଦରେ ଅବଗତ କରାଇଥିଲେ । ଓସଡାମା ସହଯୋଗରେ ଅନୁଷ୍ଠିତ ଏହି ମକଡ୍ରିଲରେ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରୁ ଆସିଥିବା ପର୍ଯ୍ୟବେକ୍ଷକ ଶ୍ରୀ ଆରଣ୍ୟକ ମିଶ୍ର ଉପସ୍ଥିତ ରହି ନିଜର ପ୍ରତିକ୍ରିୟା ରଖିଥିଲେ । ଜିଲ୍ଲାସ୍ତରୀୟ ମକଡ୍ରିଲ୍ କାର୍ଯ୍ୟକ୍ରମରେ , ବଡ଼କିଆ ଗ୍ରାମର ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ତଥା ସରପଞ୍ଚ ଶ୍ରୀମତୀ ଆରତୀ ଦାସ , ସହାୟକ ଜିଲ୍ଲାପାଳ ଶ୍ରୀ ପ୍ରତାପ କୁମାର ବେହେରା ଓ ଅତିରିକ୍ତ ଗୋଷ୍ଠୀ ଉନୟନ୍ନ ଅଧିକାରୀ, ବାଲେଶ୍ୱର ସଦର ପ୍ରମୁଖ ଉପସ୍ଥିତ ଥିଲେ । ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେଉଥିବା ବିଭିନ୍ନ ଉପକରଣ ଓ ଯନ୍ତ୍ରପାତିଗୁଡିକର ସ୍ଥିତି ସଂପର୍କରେ ସଠିକ ତଥ୍ୟ ହାସଲ କରିବା ଲାଗି ମକଡ୍ରିଲ ସହ ପୂର୍ବ ସହାୟକ ହୋଇଥାଏ ବୋଲି ଅଧିକାରୀମାନେ ପ୍ରକାଶ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଜନସାଧାରଣ ସର୍ବଦା ପ୍ରସ୍ତୁତ ହୋଇ ରହିବାକୁ ଏହି ଅବସରରେ ଆହ୍ୱାନ ଦିଆଯାଇଥିଲା । ବାଲେଶ୍ୱର ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ଚିନ୍ମୟ କୁମାର ରାଉତ, ଏନ.ଡି.ଆର.ଏଫ. ଟିମ କମାଣ୍ଡର, ଅଗ୍ନିଶମ ବିଭାଗୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଜନସାଧାରଣଙ୍କୁ ସୂଚନା ଦେଇଥିଲେ । ଜିଲ୍ଲା ପ୍ରକଳ୍ପ ସଂଯୋଜକ (ଓସଡାମା) ଶ୍ରୀ ଅବନୀକାନ୍ତ ଭୂୟାଁ ଓ ସମ୍ପର୍କ ସ୍ୱେଛାସେବି ଅନୁଷ୍ଠାନ ର ସମ୍ପାଦକ ଶ୍ରୀ ପ୍ରଦୀପ କୁମାର ଜେନା ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ।

# ବାଲେଶ୍ୱର ପ୍ରେସ ଇମ୍ପ୍ରେସ୍ ମିଡ଼ିଆ କ୍ଲବର ବାର୍ଷିକ ଉତ୍ସବ ପାଇଁ ଏକ ସାଧାରଣ ବୈଠକ



ବାଲେଶ୍ୱର , ୧୯/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାଲେଶ୍ୱର ପ୍ରେସ ଇମ୍ପ୍ରେସ୍ ମିଡ଼ିଆ କ୍ଲବ ର ବାର୍ଷିକ ଉତ୍ସବ ପାଇଁ ଏକ ସାଧାରଣ ବୈଠକ ସଭାପତି ଉଜ୍ଜ୍ୱଳ ଚନ୍ଦ୍ର କର ସଭାପତିତ୍ୱରେ ରାଣିପାଟଣା ବ୍ୟାଙ୍କ୍ କଲୋନୀ ଅଫିସରେ ପାଳିତ ହୋଇଯାଇଛି। ଏହି ବୈଠକରେ ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ଦାସ, ଉପସଭାପତି ସନ୍ଦିପ୍ତ ଦାସ ଜଏଣ୍ଟ ସେକ୍ରେଟାରୀ ସୁରେନ୍ଦ୍ର କୁମାର ଜେନା , ଗଗନ ଚନ୍ଦ୍ର ସେଠୀ, ନ୍ୟୁଜ ୭ ର ଚନ୍ଦନ କୁମାର ପାଣିଗ୍ରାହୀ , ପୂର୍ଣ୍ଣ ଚନ୍ଦ୍ର ବେହେରା, ଗୟାଧର କର ପ୍ରମୁଖ ଯୋଗ ଦେଇଥିଲେ । ବୈଠକ ଆରମ୍ଭରୁ ପୂର୍ବତନ ସଂଘର ଉପସଭାପତି ବାସୁଦେବ ରାହୁଲ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରେସ ଇମ୍ପ୍ରେସ ମିଡ଼ିଆ କ୍ଲବ ର ବାର୍ଷିକ ଉତ୍ସବ ସମ୍ବନ୍ଧରେ ଆଲୋଚନା ହେବା ସଙ୍ଗେ ସଙ୍ଗେ ଏହି ସଂଘ ସ୍ୱାଧୀନ ସଂଘ ଭାବରେ ଓଡ଼ିଶାରେ କାମ କରୁଥିବା ବେଳେ ଏହାକୁ ଆହୁରି ଆଗକୁ ନେବା ପାଇଁ ପତ୍ରକାର ସଂଘ୍ ସହ ଅନୁବର୍ଦ୍ଧିତ କରିବା ପାଇଁ ସଂଘର ସମସ୍ତ ସାମ୍ବାଦିକ ମତା ମତ ଦେଇଥିଲେ । ବାର୍ଷିକ ଉତ୍ସବ ପାଇଁ ସାମ୍ବାଦିକ ମାନଙ୍କୁ ବିଭିନ୍ନ ପ୍ରକାର କାର୍ଯ୍ୟ ବଣ୍ଟନ କରାଯାଇଛି । ସଂଘ ରେ ମେଗାଜିନ ପାଇଁ ସଂଘର ସମସ୍ତ ସାମ୍ବାଦିକ ଙ୍କୁ କିଛି କିଛି ଲେଖା ଦେବା ପାଇଁ ଅନୁରୋଧ କରାଯିବା ସଙ୍ଗେ ସଙ୍ଗେ, କେଉଁ ମାନଙ୍କୁ ମାନପତ୍ର , ଉତ୍ତରୀ, ଫୁଲତୋଡା ଦେଇ ସମ୍ମାନିତ କରାଯିବ ସେ ସବୁ ବିଷୟରେ ଆଲୋଚନା ହୋଇଥିଲା । କେଉଁ ମାନଙ୍କୁ ଅତିଥି ଭାବେ ନିମନ୍ତ୍ରିତ ହେବ ଆଲୋଚନା ହୋଇଥିଲା । ବୈଠକ ଶେଷରେ ଦ୍ୱିପହର ଭୋଜନ ଆୟୋଜନ ହୋଇଥିଲା । ସୁଶୀଳା ଜେନା ଦୀପକ କୁମାର ମଲ୍ଲିକ , ପଦ୍ମ ଲୋଚନ ଦତ୍ତ , ରତିକାନ୍ତ ଦତ୍ତ , ଲକ୍ଷ୍ମୀଧର ମଣ୍ଡଳ , ପାର୍ଥ ସାରଥୀ ଦାସ , ପ୍ରଭାକର ବେହେରା , ଆଜୀମ ବାଲେଶ୍ୱରୀ , ଚକ୍ରଧର ସିଂ , ଦେବଜିତ ମହାନ୍ତି , ତରୁଣ କୁମାର କର , ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ପୁରୁଣା ଛାତ ଉପରେ ଗୋହାଳିପଦା ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ଘେନି ଅସନ୍ତୋଷ




ବସ୍ତା, ୧୯/୬ (ନି.ପ୍ର): ପଚିଶ ବର୍ଷର ପୁରୁଣା ଛାତ ଉପରେ ସରକାରୀ ଅଙ୍ଗନ ବାଡ଼ି କେନ୍ଦ୍ର ନିର୍ମାଣ ଘେନି ସାଧାରଣରେ ଯେତିକି ବିସ୍ମୟ ପ୍ରକାଶ ପାଇଛି ତତୋଧିକ ଅସନ୍ତୋଷ ସୃଷ୍ଟି କରିଛି ।ସୂଚନାରୁ ପ୍ରକାଶ ଯେ ବସ୍ତା ବ୍ଲକର ପୁଟୁରା ପଞ୍ଚାୟତ ଅଧୀନ ଗୁହାଳିପଦାରେ ଏକ ବ୍ୟୟ ବହୁଳ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ଚାଲିଛି ଯାହାକି ଏକ ପୁରୁଣା ଘର ଛାତ ଉପରେ ହେଉଥିବା ବେଳେ ସାଧାରଣରେ ଆପତ୍ତି କରାଯ ।ଇଛି। ଏହି କେନ୍ଦ୍ରକୁ ଉଠି କରିଯିବା ପାଇଁ ଶିଶୁଙ୍କ ପକ୍ଷେ ବିପଦ ଶଙ୍କୁ ଳ ହେବ ।ଏହାଛଡ଼ା ପୁରୁଣା ଛାତ ର ସ୍ଥାୟିତ୍ୱ ଉପରେ ସନ୍ଦେହ ରହିଛି ।ଏଭଳି ପରିସ୍ଥିତିରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଛାତ ଉପରେ ଏହି ଘର ନିର୍ମାଣ ପାଇଁ କିପରି ସମ୍ମତି ଦେଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ।ନିତ କରିଛି। ଏ ସମ୍ପର୍କରେ ବିଡିଓଙ୍କ ସହ ଯୋଗାଯୋଗ କରିବାରୁ ତଦନ୍ତ କରିବେ ବୋଲି କହିଛନ୍ତି।

# ବାଲେଶ୍ୱରର ସମାଜସେବୀ ଦିଲ୍ଲୀପ ମିସ୍ତ୍ରୀଙ୍କ ଏକାଦଶାହ

ବାଲେଶ୍ୱର, ୧୯/୬ (ନି.ପ୍ର): ପାରିକୁଳ ଗ୍ରାମର ଦିଲ୍ଲୀପ କୁମାର ମିସ୍ତ୍ରୀ ନିଜର ଏକ ମଟର ସାଇକେଲ ଯୋଗେ ଘରୁ ବାହାରି ଫୁଲାଡି ଛକକୁ ସଉଦା କିଣିବାକୁ ଆସୁଥିବା ସମୟରେ,ମଙ୍ଗଳା କାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଏକ ମିକ୍ସଚର ମେସିନ ଯାହାର ନମ୍ବର ଡଉ୩୩ଇଙ୍ଗ-୨୪୦୨ ମଟର ସାଇକେଲକୁ ଧକ୍କା ଦେଇଥିଲା ସେ ତଳେ ପଡିଥିବା ସମୟରେ ମିକ୍ସଚର ମେସିନଟି ଦିଲ୍ଲିପଙ୍କ ଉପରେ ଚଢ଼ି ଯାଇଥିଲା ସେ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିଲେ। ଦିଲ୍ଲିପ ଜଣେ ପରୋପକାରୀ ମଣିଷ ଭାବରେ ଅଞ୍ଚଳରେ ବେଶ ଜଣାଶୁଣା ।ଏଣୁ ସେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।ଆଜି ତାଙ୍କର ଏକାଦଶାହ କ୍ରିୟା ସମୟରେ ବୁଆଳ ପଞ୍ଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

# ବାଲେଶ୍ୱର ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ତରଫରୁ ସରପଞ୍ଚ ଚାମେଲି ଓଝାଙ୍କୁ ନ୍ୟାୟ ଓ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଦାବିପତ୍ର



ବାଲେଶ୍ୱର, ୧୯/୬ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ତିଖିରୀ ଗ୍ରାମପଞ୍ଚାୟତର ଯୁବ ସରପଞ୍ଚ ଚାମେଲି ଓଝାଙ୍କ ପ୍ରତି ହୋଇଥିବା ଦୁର୍ବ୍ୟବହାର, ମାଡ଼ ମାରିବା ଓ ଯୋଜନାବଦ୍ଧ ଷଡ଼ଯନ୍ତ୍ର ମାମଲାରେ ବାଲେଶ୍ୱର ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ବାଲେଶ୍ୱର କେନ୍ଦ୍ର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ ନିକଟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଚାମେଲିଙ୍କର ଶାରିରୀକ ଅସୁସ୍ଥତା ସତ୍ତ୍ୱେ ତାଙ୍କୁ ମାଡ଼ ମାରି କୋର୍ଟ ଚାଲାଣ କରାଯିବା ଏବଂ ଚିକିତ୍ସିତ ହେଉଥିବାବେଳେ ଡାକ୍ତରଖାନା କ୍ୟାବିନ୍ ଭିତରେ ଛାତିରେ କ୍ୟାମେରା ଲଗାଇ ଗୁପ୍ତଚର ବୃତ୍ତି କରାଯିବା ଏକ ଗଭୀର ଷଡ଼ଯନ୍ତ୍ର ବୋଲି ହୃଦବୋଧ ହେଉଛି । ସ୍ଥାନୀୟ ବିଧାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଥାନା ଅଧିକାରୀ ଓ ବିଧାୟକଙ୍କ କିଛି ପାଖ ଲୋକ ମିଳିତ ଭାବେ ତାଙ୍କ ବିରୋଧରେ ଲାଗିଥିବାରୁ ସେ ମାନସିକ ଭାରସାମ୍ୟ ହରାଇବାର ଆଶଙ୍କା ରହିଛି । ଏପରିକି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମଧ ଥାନାରେ ସିସି କ୍ୟାମେରା ତଥ୍ୟକୁ ଛେଡ଼ ଛାଡ଼ କରି ଗଣମାଧ୍ୟମରେ ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି । ଜଣେ ମହିଳା ସରପଞ୍ଚ ପ୍ରତି ଏଭଳି ଆଚରଣ ନାରୀ ଜାଗରଣ ଏବଂ ଆମ ଗଣତନ୍ତ୍ର ପ୍ରତି ଏକ କୁତ୍ସିତ ଉପହାସ ବୋଲି କୁହାଯାଉଛି । ତେଣୁ ଏ ସମସ୍ତଙ୍କ ବିରୁଦ୍ଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଚାମେଲି ଓଝାଙ୍କୁ ନ୍ୟାୟ ଓ ସୁରକ୍ଷା ଦେବା ପାଇଁ ଗାନ୍ଧୀ ଶାନ୍ତୀ ପ୍ରତିଷ୍ଠାନ ତରଫରୁ ଦାବି କରାଯାଇଛି । ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ବରିଷ୍ଠ ଗାନ୍ଧୀବାଦୀ ସୁରେନ୍ଦ୍ର ନାଥ ପଣ୍ଡାଙ୍କ ନେତୃତ୍ୱରେ ଏହି ଦାବିପତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମହମ୍ମଦ ଇସଲାମ, ପ୍ରତିମା ପଣ୍ଡା, ଗୌରାଙ୍ଗ ପାଣିଗ୍ରାହୀ, କବିତା ରାଣୀ ଦାସ, ସକିଲା ବାନୋ, ଇନ୍ତେଖାବ୍ ଅଲ୍ଲୀ ଖାନ୍, ଅରୁଣ ଜେନା, ନିରଞ୍ଜନ ପରିଡ଼ା, ଜ୍ୟୋତ୍ସ୍ନାରାଣୀ ସେନାପତି, ତପନ କୁମାର ଦାସ, ତୁଷାରକାନ୍ତି ମହାପାତ୍ର ଓ ଶାନ୍ତି ବିସି ପ୍ରମୁଖଙ୍କ ଉପସ୍ଥିତିରେ ଉପସ୍ଥାପନ କରାଯାଇଛି ।

# ବିପର୍ଯ୍ୟୟ ପରିଚାଳନା ମକ୍ ଅଭ୍ୟାସ ସଫଳତାର ସହ ଉଦ୍‌ଯାପିତ




ବାରିପଦା, ୧୯/୬ (ନି.ପ୍ର): ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ, ଭୁବନେଶ୍ୱରଙ୍କ ସହଯୋଗରେ ତଥା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ, ମୟୁରଭଞ୍ଜଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ୧୦ଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳରେ ବିପର୍ଯ୍ୟୟ ପରିଚାଳନା ମକ୍ ଅଭ୍ୟାସ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟ ସମୟରେ ପ୍ରସ୍ତୁତି, ସମନ୍ୱୟ ଓ ପ୍ରତିକ୍ରିୟା ବ୍ୟବସ୍ଥାର କାର୍ଯ୍ୟକ୍ଷମତାର ଆକଳନ କରିବା। ଚଳିତ ବର୍ଷ ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ପ୍ରଦତ୍ତ "ପ୍ରବଳ ବନ୍ୟା ଏବଂ ଭୂସ୍ଖଳନ" ଦୃଶ୍ୟପଟକୁ ଆଧାର କରି ଏକ କୃତ୍ରିମ ବିପର୍ଯ୍ୟୟ ପରିସ୍ଥିତି ସୃଷ୍ଟି କରାଯାଇଥିଲା। ଏଥିରେ ଉଦ୍ଧାରକାରୀ ଦଳ ସ୍ଥାନାନ୍ତର ପ୍ରକ୍ରିୟା, ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ, ପ୍ରାଥମିକ ଚିକିତ୍ସା ଓ ଜରୁରୀକାଳୀନ ଚିକିତ୍ସା ସେବାର ପ୍ରଦର୍ଶନ କରିଥିଲେ। ଆହତମାନଙ୍କୁ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ବେଳେ ପ୍ରତିକ୍ରିୟାକାରୀ ସଂସ୍ଥାମାନଙ୍କ ମଧ୍ୟରେ ଜରୁରୀକାଳୀନ ଯୋଗାଯୋଗ ବ୍ୟବସ୍ଥାର ମଧ ପରୀକ୍ଷଣ କରାଯାଇଥିଲା। ଏହି ମକ୍ ଅଭ୍ୟାସରେ ଅଗ୍ନିଶମ ସେବା, ପୋଲିସ, ସ୍ୱାସ୍ଥ୍ୟ ବିଭାଗ, ଓଡ଼ିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ୍ ଫୋର୍ସ, ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ, ନାଗରିକ ପ୍ରତିରକ୍ଷା ସ୍ୱେଚ୍ଛାସେବକ ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ୧୦ଟି ଆଶ୍ରୟସ୍ଥଳର ପରିଚାଳନା ଓ ତଦାରଖ କମିଟିର ସଦସ୍ୟ/ସଦସ୍ୟାଙ୍କ ସହ ନୋଡାଲ ଏନଜିଓ ଯଥା ସ୍ୱାର୍ଦ୍ଧା, ସଂକଳ୍ପ, ଭାର୍ଡ, ସିକ୍ୟୁର, ଫୋର୍ଡ, ଆରମ୍ଭ, ଆଧାର, ଦାସୀ, ଶକ୍ତି ଶିଖା ଓ ପ୍ରାଇଡ଼ଙ୍କ ସକ୍ରିୟ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ଜିଲ୍ଲା ସ୍ତରରେ ଜରୁରୀକାଳୀନ ବିଭାଗର ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀ ତାପସ କୁମାର ମହାନ୍ତ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ଜଗବନ୍ଧୁ ମହାନ୍ତି ଏବଂ ରାଜ୍ୟ ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ ପ୍ରକଳ୍ପ ଅଧିକାରୀ ଶ୍ରୀ ସୁତନୁ କୁମାର ଠାକୁର ଅଭ୍ୟାସକୁ ପର୍ଯ୍ୟବେକ୍ଷଣ କରିଥିଲେ। ସେମାନେ ପ୍ରତିକ୍ରିୟା ସମୟ, ସମ୍ବଳ ସଂଗ୍ରହ ଏବଂ ଆନ୍ତଃ-ଏଜେନ୍ସି ସମନ୍ୱୟର ସମୀକ୍ଷା କରିବା ସହିତ ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ଗୋଷ୍ଠୀ ସହଯୋଗ ଓ ନିୟମିତ ମକ୍ ଅଭ୍ୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅଂଶଗ୍ରହଣକାରୀମାନଙ୍କୁ ବିପର୍ଯ୍ୟୟ ପ୍ରସ୍ତୁତି, ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର ଏବଂ ଜରୁରୀ ପରିସ୍ଥିତିରେ ଅନୁସରଣୀୟ ସୁରକ୍ଷା ପ୍ରୋଟୋକଲ୍ ସମ୍ପର୍କରେ ସଚେତନ କରାଯାଇଥିଲା। ଅଭ୍ୟାସ ଶେଷରେ ଏକ ଡିବ୍ରିଫିଂ ଅଧିବେଶନ ଆୟୋଜିତ ହୋଇଥିଲା, ଯେଉଁଥିରେ ଅଭ୍ୟାସର ସଫଳତା, ଚ୍ୟାଲେଞ୍ଜ ଏବଂ ଭବିଷ୍ୟତରେ ଉନ୍ନତିର ସମ୍ଭାବ୍ୟ କ୍ଷେତ୍ର ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଧିକାରୀମାନେ କହିଥିଲେ ଯେ, ଏପରି ଅଭ୍ୟାସ ବିପର୍ଯ୍ୟୟ ପ୍ରତିକ୍ରିୟା କ୍ଷମତାକୁ ସୁଦୃଢ଼ କରିବା ସହ ପ୍ରକୃତ ଜରୁରୀ ପରିସ୍ଥିତିରେ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ଫଳପ୍ରଦ ହୋଇଥାଏ। ଉଲ୍ଲେଖଯୋଗ୍ୟ ଯେ, ମକ୍ ଅଭ୍ୟାସ ପୂର୍ବରୁ ତା. ୧୬.୦୬.୨୦୨୬ ରେ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଏବଂ ତା.୧୮.୦୬.୨୦୨୬ ରେ ଜିଲ୍ଲାର ୨୬ଟି ବ୍ଲକରେ ଟେବୁଲ ଟପ୍ ଏକ୍ସରସାଇଜ୍ ଅନୁଷ୍ଠିତ ହୋଇଥିଲା।

# ୨୨ ଜୁନ୍ ପର୍ଯ୍ୟନ୍ତ ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ସତର୍କବାଣୀ

ଭଦ୍ରକ, ୧୯/୬ (ନି.ପ୍ର): ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜାରି ହୋଇଥିବା ମତ୍ସ୍ୟଜୀବୀ ସତର୍କବାଣୀ ଅନୁଯାୟୀ, ଓଡ଼ିଶା ଉପକୂଳ ଏବଂ ସଂଲଗ୍ନ ସମୁଦ୍ର ଅଞ୍ଚଳରେ ୧୮ ରୁ ୨୨ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଘଣ୍ଟାପ୍ରତି ୪୦ ରୁ ୫୦ କିଲୋମିଟର ବେଗର ପବନ ବହିବା ସହ ବେଳେବେଳେ ଏହାର ବେଗ ୬୦ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିବାର ସମ୍ଭାବନା ରହିଛି। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବା ସହ ତରଙ୍ଗ ଉଚ୍ଚ ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତ ମତ୍ସ୍ୟଜୀବୀଙ୍କୁ ୧୮ ରୁ ୨୨ ଜୁନ୍ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ମାଛ ଧରିବା ପାଇଁ ନ ଯିବାକୁ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ସମୁଦ୍ର ମଧ୍ୟରେ ଥିବା ମତ୍ସ୍ୟଜୀବୀମାନଙ୍କୁ ତୁରନ୍ତ ଉପକୂଳକୁ ଫେରି ଆସିବା ପାଇଁ କୁହାଯାଇଛି ।ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ସତର୍କ ସୂଚନାକୁ ଉପକୂଳବର୍ତ୍ତୀ ଅଞ୍ଚଳର ସମସ୍ତ ମତ୍ସ୍ୟଜୀବୀଙ୍କ ନିକଟରେ ପହଞ୍ଚାଇବା ସହ ସୁରକ୍ଷା ନିୟମ ପାଳନ କରିବାକୁ ଅନୁରୋଧ କରାଯାଇଛି।

# ଆପାର୍ଟମେଂଟ ପଞ୍ଜୀକରଣ ପାଇଁ ରାଜ୍ୟ ସରକାରଙ୍କ ନୂତନ ଏସ୍‌ଓପି ଜାରି

ଭୁବନେଶ୍ୱର, ୧୯/୬ (ନି.ପ୍ର): ରାଜ୍ୟରେ ଆପାର୍ଟମେଂଟ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସରଳ ଓ ସମନ୍ୱିତ କରିବା ଉଦ୍ଦେଶ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ମିଳିତ ଭାବେ ଆପାର୍ଟମେଂଟ ପଞ୍ଜୀକରଣ ନିମନ୍ତେ ଏକ ମାନକ କାର୍ଯ୍ୟପ୍ରଣାଳୀ (ଏସଓପି) ଜାରି କରିଛନ୍ତି। ଓଡ଼ିଶା ଆପାର୍ଟମେଂଟ (ମାଲିକାନା ଏବଂ ପରିଚାଳନା) ଆଇନ, ୨୦୨୩, ରିଅଲ୍ ଇଷ୍ଟେଟ୍ (ନିୟନ୍ତ୍ରଣ ଓ ବିକାଶ) ଆଇନ, ୨୦୧୬ ଏବଂ ପଞ୍ଜୀକରଣ ଆଇନ, ୧୯୦୮ର ବିଭିନ୍ନ ବ୍ୟାଖ୍ୟା କାରଣରୁ ସୃଷ୍ଟ ହେଉଥିବା ଅସ୍ୱଷ୍ଟତା ଦୂର କରିବା ସହ ରାଜ୍ୟବ୍ୟାପୀ ଏକ ସମାନ ପ୍ରକ୍ରିୟା ଅନୁସରଣ ସୁନିଶ୍ଚିତ କରିବା ପାଇଁ ଏହି ଏସ୍‌ଓପି ପ୍ରଣୟନ କରାଯାଇଛି।

**Nilamani Mahavidyalaya, Rupsa, Balasore**

**Quotation Call Notice**

Sealed Quotation are invited from different registered firms for supply of public address system (Mic, Micro phone, Amplifier, Sound box) for Nilamani Mahavidyalaya, Rupsa, Balasore.
Firms must apply within 7 days of this notification.
College email id : nmv.rupsa@gmail.com

**Principal-cum-Secretary**
**Nilamani Mahavidyalaya**
**Rupsa, Balasore**

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida